# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ପତ୍ରିକା

ଏକାଦଶ ସଂଖ୍ୟା, ୦୧ ମଇ ୨୦୨୩

link : https://epatrika.cspursahityasansad.com



Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

**Mob : 9438621925 / 9937128547**

Email : epatrika.cspursahityasansad@gmail.com Website: www.cspursahityasansad.com

# ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦ

# ଇ-ପତ୍ରିକା

ଏକାଦଶ ସଂଖ୍ୟା
୧ ମଇ ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭
e-mail: newtracreations@gmail.com
website : www.newtracreations.com

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜଡ୍)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547
e-mail: newtracreations@gmail.com
website : www.newtracreations.com

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

## ସମ୍ପାଦକୀୟ...



# ମରୁଯାତ୍ରାର ନିଷ୍ଠା

ସାହିତ୍ୟିକ ହେଉଛନ୍ତି ମରୁପଥର ଯାତ୍ରୀ । ଏହି ଯାତ୍ରା ପଥରେ ଚାଲିବା ପାଇଁ ପ୍ରବଳ ନିଷ୍ଠା ଆବଶ୍ୟକ । ଏହା କେବଳ କଥାର କଥା ନୁହେଁ । ଏହି ନିଷ୍ଠାପର ସର୍ବୋତ୍ତମ ଗୁଣକୁ ହାସଲ କରି ନ ପାରିଲେ ବା ଏଥିପାଇଁ ଅଧ୍ୟବସାୟ ନ ରହିଲେ ସାହିତ୍ୟିକ ଜୀବନ ନିରର୍ଥକ ହୋଇଥାଏ । ଏହି ସୃଷ୍ଟି କର୍ମ ପାଇଁ ପ୍ରଥମ ଆବଶ୍ୟକ ହେଉଛି ସମ୍ବେଦନଶୀଳ ଅନୁଭବୀ ଦୃଷ୍ଟି । ଏହା ପଛରେ ସାହିତ୍ୟିକଙ୍କୁ ଗସ୍ତ କରିବାକୁ ପଡ଼ିଥାଏ ଅନାଥାଳୟକୁ । ଯେଉଁଠି ଆମ ଭାଷାର ବହୁ ଶବ୍ଦ ଦୁଃଖଦ ଜୀବନ ବିତାଉଛନ୍ତି । ସେମାନେ ଅପେକ୍ଷା କରିଥାଆନ୍ତି ଚାତକ ପରି ବର୍ଷାକୁ ଅର୍ଥାତ୍ ସାହିତ୍ୟିକର ମଧୁର ସ୍ପର୍ଶକୁ । ସେମାନେ ଲୋଡ଼ନ୍ତି ଆତ୍ମସମ୍ମାନ । ପାସୋରି ଦେବାକୁ ଚାହାନ୍ତି ସେମାନଙ୍କ ପ୍ରତି ହୋଇଥିବା ଉପେକ୍ଷିତପଣକୁ । ଜଣେ ନିଷ୍ଠାପର ସାହିତ୍ୟିକ ହେବାକୁ ହେଲେ ବସ୍ତୁ ଓ ପରିବେଶ ଉପରେ ଦୃଷ୍ଟିପାତ କରି ଏଥିରେ ଥିବା ସଂଘାତକୁ ବୁଝିବାକୁ ପଡ଼ିଥାଏ । ଏହି କାର୍ଯ୍ୟ ମାଧ୍ୟମରେ ପ୍ରଜ୍ଞାକୁ ଉଦ୍‌ଜୀବିତ କରାଇବାକୁ ପଡ଼ିଥାଏ । ସାହିତ୍ୟିକର ନିଷ୍ଠା ହେଉଛି ସତ୍ୟ ପ୍ରତି ଓ ଆଦର୍ଶ ପ୍ରତି । ଏଥରୁ ବିଚ୍ୟୁତ ହେଲେ ସାହିତ୍ୟିକ ଓ ସାହିତ୍ୟ ଉଭୟେ ଦିଗଭ୍ରଷ୍ଟ ହୋଇଥାନ୍ତି । ଜଣେ ସାହିତ୍ୟିକର ଅନ୍ତରାବଲମ୍ବନ ଯେତେ ସୁଦୃଢ଼ ଓ ସୁଦୂର ପ୍ରସାରୀ ହେବ ଲେଖା ସେତେ ବଳଶାଳୀ ହେବ । ଏହା ସାର୍ବଜନୀନ ସ୍ୱୀକୃତି ଓ ଅନୁଭବର ରୂପନେଇ ପାରିବ । ସାହିତ୍ୟିକମାନେ ହେଉଛନ୍ତି ସତ୍ୟର ପୂଜାରୀ । ଏମାନଙ୍କ ସଂସ୍ପର୍ଶରେ ସତ୍ୟ ହାତ ମିଳାଇଲେ ସତ୍ୟ ବିସ୍ତାର ଲାଭ କରିଥାଏ । ତେଣୁ ସତ୍ୟ ସାହିତ୍ୟିକଙ୍କର ନିକଟତମ ବନ୍ଧୁ । ସାହିତ୍ୟ ଓ ସାହିତ୍ୟିକ ଯେତେ ଆତ୍ମମଗ୍ନ ହେବେ ସାହିତ୍ୟର ସୁକୁମାରପଣ ସେତେ ବେଶୀ ଲୋଭନୀୟ ହେବ । ଗାନ୍ଧିଜୀ ସତ୍ୟକୁ ନିଜ ଜୀବନରେ ପ୍ରୟୋଗ କରିଥିଲେ ଏବଂ ସତ୍ୟକୁ ଈଶ୍ୱର ବୋଲି ଆଖ୍ୟାୟିତ କରିଥିଲେ । ସତ୍ୟ ପ୍ରତି ସାହିତ୍ୟିକର ନିଷ୍ଠାପରତା କେତେ ଜରୁରୀ ତାହା ନିଜସ୍ୱ ଅନୁଭବ ର ବିଷୟ ।

ଉପର ବର୍ଣ୍ଣିତ ନିଷ୍ଠାକୁ ଆମ "ଇ-ପତ୍ରିକା"ର ଲେଖକ/ଲେଖିକାମାନେ ଆଦରି ନେଲେ ପତ୍ରିକାର ଏବଂ ପ୍ରିୟ ଲେଖକ ସମୁଦାୟର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଆସନ୍ତୁ ଏହି ଅଙ୍ଗୀକାରବଦ୍ଧତା ମାଧ୍ୟମରେ ଆମର ଏହି ମରୁଯାତ୍ରାକୁ ସଫଳ କରାଇବା ।

■■■

ସରୋଜ କୁମାର ଶତପଥୀ
ସମ୍ପାଦକ




# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ : ମରୁଯାତ୍ରାର ନିଷ୍ଠା | ସରୋଜ କୁମାର ଶତପଥୀ | ୦୩ |
| | **ବ୍ୟାକରଣ ବିଭାଗ** | | |
| ୨. | ପୁରୁଷ | ଡ. ଦେବାଶିଷ ମହାପାତ୍ର | ୦୭ |
| | **ଗଦ୍ୟ ବିଭାଗ** | | |
| ୩. | ଜୟରାମର ଘର | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୧୧ |
| ୪. | ବିସ୍ମୟ ବୈଚିତ୍ର୍ୟ | ବସନ୍ତ ମାଝି | ୧୩ |
| ୫. | ଧୈର୍ଯ୍ୟ ଓ ବୁଦ୍ଧିମତା ନ୍ୟାୟ ପାଇଲା | ଡା. ଘନଶ୍ୟାମ ଜୈନ | ୧୪ |
| ୬. | ଗଙ୍ଗା, ଯମୁନା, ସରସ୍ୱତୀ | ଡ. ସୁଚେତା ରାଉତ | ୧୭ |
| ୭. | ଭିଡ଼ | ଗଗନ ବିହାରୀ ନାୟକ | ୧୮ |
| ୮. | ଯୋଗୀ -୧ (ଧାରାବାହିକ) | ମୀନୁ ହୋତା | ୨୦ |
| | **ପଦ୍ୟ ବିଭାଗ** | | |
| ୯. | ମୋ ଗାଆଁ | ବିଦ୍ୟାଧର ଗୁରୁ | ୨୫ |
| ୧୦. | ଜୀଇଁବା ପାଇଁ | ଶିବପ୍ରିୟା ମିଶ୍ର | ୨୬ |
| ୧୧. | ଆ' | ପ୍ର. ବୀଣାପାଣି ତ୍ରିପାଠୀ | ୨୭ |
| ୧୨. | ସ୍ମୃତି | ମନୋରମା ମିଶ୍ର | ୨୮ |
| ୧୩. | ପଚାରିଛୁ କେବେ ? | ଅଧାପକ ଅଜୟ ପଟ୍ଟନାୟକ | ୨୯ |
| ୧୪. | ଆକାଶ- ମହାକାଶ | ଯଶୋବନ୍ତ ସେଠ୍ଠୀ | ୩୦ |
| ୧୫. | ପ୍ରଶ୍ନବାଚୀ | ଯଜ୍ଞଦତ୍ତ ସାମନ୍ତରାୟ | ୩୧ |
| ୧୬. | ସ୍ୱୀ ଟିଏ | ସୁଧାଂଶୁ ଶେଖର ଦ୍ୱିବେଦୀ | ୩୨ |
| ୧୭. | ଷ୍ଟେସନ୍ ପାଖ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୩୩ |
| ୧୮. | ନିମନ୍ତ୍ରଣ | ଶର୍ମିଷ୍ଠା ମିଶ୍ର | ୩୪ |
| ୧୯. | ଅନ୍ୱେଷଣ | ନିହାରୀକା ରାୟବରାଳ | ୩୫ |
| ୨୦. | ସାଥୀ | ବିଷ୍ଣୁପ୍ରିୟା ମହାପାତ୍ର | ୩୬ |
| ୨୧. | ଆମେ ଓଡ଼ିଆ | ବିଷ୍ଣୁପ୍ରିୟା ମିଶ୍ର | ୩୭ |
| ୨୨. | ଚଁଛା ପୁଛା(କୋଶଲୀ) | ସରୋଜ କୁମାର ଶତପଥୀ | ୩୮ |
| ୨୩. | ତୁଇ ଆଏବୁ ବଲି (କୋଶଲୀ ) | ଯୋଗେଶ ମିଶ୍ର | ୩୯ |
| ୨୪. | ସେ ଅଛେ ବଲିତ (କୋଶଲୀ ) | ଶ୍ରୀ ନରସିଂହ ସାହୁ | ୪୦ |
| ୨୫. | ଚିନ୍ତାର କୌଣସି କାରଣ ନାହିଁ | ଅଞ୍ଜଳି ଆଚାର୍ଯ୍ୟ | ୪୧ |
| ୨୬. | ହୃଦୟ | ଗୀତା ପଟ୍ଟନୟକ | ୪୨ |
| ୨୭. | ପ୍ରେମ ଅମୃତ | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୪୩ |
| ୨୮. | କୋହ | ଡ. ପ୍ରବୀଣା ପରିଡ଼ା | ୪୪ |
| ୨୯. | ଭଗ୍ନାଂଶ | ଡ. ମନୋରଞ୍ଜନ ବିଷୋୟୀ | ୪୫ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ମାଟିରୁ ଆକାଶ | ଅଜୟ କୁମାର ସେଠୀ | ୪୬ |
| ୩୧. | ମୋ କବିତା | ନୀଳମଣି ଚାନ୍ଦ | ୪୭ |
| ୩୨. | ନବବର୍ଷରେ ଭାବନା | ବୀରେଶ୍ୱର ମହାନ୍ତି | ୪୮ |
| ୩୩. | ମନସିଜ | ପଞ୍ଚାନନ ତାଣ୍ଡି | ୪୯ |
| ୩୪. | ଡାଇପର | ଶ୍ରୀମତୀ ଗୀତା ମିଶ୍ର | ୫୦ |
| ୩୫. | ଅବୁଝାପଣ | ମମତାବାଳା ହୋତା | ୫୧ |
| ୩୬. | ଫଗୁଣ | ଶୁଭଶ୍ରୀ ସିଂ | ୫୨ |
| ୩୭. | ଦୁଇ ଧାର | ସାଧନା ପଣ୍ଡା | ୫୩ |
| ୩୮. | ଉଷାର ଉନ୍ମେଷ | ବାସନ୍ତୀ ବାରକ୍ | ୫୪ |
| ୩୯ | ଫୁଲ ଫଗୁଣ | ମାନଗୋବିନ୍ଦ ବାରିକ୍ | ୫୫ |
| ୪୦. | ସାହାରା | ଡ. ପ୍ରିୟମ୍ବଦା ସାମଲ | ୫୬ |
| ୪୧. | ସୁନ୍ଦରତା | ବିନୋଦିନୀ ଗଉଡ଼ | ୫୭ |
| ୪୨. | ଫେରିଆସ ସମୟ | ଶୁଭ୍ରା ନନ୍ଦ | ୫୮ |
| ୪୩. | କରିଲି ଆଖିକୁ ଆକଟ | ଶ୍ରୀମତୀ ବସନ୍ତ ମିଶ୍ର | ୫୯ |
| ୪୪. | ଅଳସୀ ପ୍ରିୟାର ଗାଆଁ | ମଞ୍ଜୁଲତା ସିଂ | ୬୦ |
| ୪୮. | ମୋ ସପ୍ନିଳ ବଗିଚା | ଅନସୂୟା ବାରିକ | ୬୧ |
| ୪୯. | ସପ | ଜାହ୍ନବୀ ଚୌଧୁରୀ | ୬୨ |
| ୫୦. | ସବୁ ତୁମର ଲୀଳା | ସମିତା ସାଇଁ | ୬୩ |
| ୫୧. | ଲୁହ | କ୍ଷଣପ୍ରଭା ମହାନ୍ତି | ୬୪ |
| ୫୨. | ତୁମେ | ସରୋଜଲକ୍ଷ୍ମୀ ମହାନ୍ତି | ୬୫ |
| ୫୩. | ରୁହ ମୋ ହୃଦ ମନ୍ଦିରେ | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୬୬ |
| ୫୪. | ନବବର୍ଷ | ଶ୍ରୀମତୀ ଗୋପା ଦାସ | ୬୭ |
| ୫୫. | ଅନ୍ତ | କରିସ୍ମା ତ୍ରିପାଠୀ | ୬୮ |
| ୫୬. | ଚୁପ୍ ରହିବା ଗୋଟେ କଳା | ପ୍ରଦୀପ୍ତ କୁମାର ମିଶ୍ର | ୬୯ |
| ୫୭. | ଫୁଲମତି | ସୁଧୀର ମେହେର | ୭୦ |
| ୫୮. | ରାତିର ଶେଷ ପ୍ରହରରେ | ଅନୀତା ପାଣି | ୭୧ |
| ୫୯. | ସକାଳର ଅପେକ୍ଷାରେ | ନିରଞ୍ଜନ ସାହୁ | ୭୨ |
| ୬୦. | ସର୍ତ୍ତହୀନ ନାବିକ ମୁଁ | ନିଧି ସାହୁ | ୭୩ |
| ୬୧. | ନିଦାଘ | ସିଦ୍ଧାର୍ଥ କୁମାର ମହାପାତ୍ର | ୭୪ |
| ୬୨. | ଭାରତମାତା | ମାନସ ଜେନା | ୭୫ |
| ୬୩. | ଇ - ପତ୍ରିକା ର ଅପ୍ରେଲ ସଂଖ୍ୟା ର କିଛି ସ୍ମୃତି | | ୭୬ |

# ବ୍ୟାକରଣ ବିଭାଗ





# ପୁରୁଷ

ଡ. ଦେବାଶିଷ ମହାପାତ୍ର

କଥାବାର୍ତ୍ତାବେଳେ ଆମେ ଦେଖୁ, ଜଣେ କହୁଛି, ଜଣକୁ କହୁଛି ଏବଂ ଜଣକ ବିଷୟରେ କହୁଛି, ଯିଏ କହେ ସେ ନିଜକୁ ମୁଁ, ଆମେ, ଆମେମାନେ ଶବ୍ଦ ମାଧ୍ୟମରେ ପ୍ରକାଶ କରେ । ଏସବୁ ଶବ୍ଦକୁ ବ୍ୟାକରଣରେ **ପ୍ରଥମ ପୁରୁଷ** କୁହାଯାଏ। ସେମିତି ଯାହାକୁ କୁହାଯାଏ ତା' ପାଇଁ ତୁ, ତୁମେ, ଆପଣ ଶବ୍ଦଗୁଡ଼ିକର ବ୍ୟବହାର ହୋଇଥାଏ । ଏସବୁ ଶବ୍ଦକୁ ଆମେ ବ୍ୟାକରଣରେ **ଦ୍ୱିତୀୟ ପୁରୁଷ** କହିଥାଉ । ଯାହା ବିଷୟରେ କୁହାଯାଏ ତା' ପାଇଁ ଆମେ, 'ସେ', 'ସେମାନେ', 'ଇଏ', 'ସିଏ', 'କିଏ', 'ଯେଉଁମାନେ', 'କେଉଁମାନେ', 'ଏମାନେ' ଆଦି ଶବ୍ଦ ବ୍ୟବହାର କହୁ । ଏହାକୁ ଆମେ **ତୃତୀୟ ପୁରୁଷ** କହୁ । ତେଣୁ, ବ୍ୟାକରଣରେ ପୁରୁଷ ତିନି ପ୍ରକାରର - **ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ** ଓ **ତୃତୀୟ ପୁରୁଷ** । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏହି ତିନିପ୍ରକାର ଭେଦରେ ପୁରୁଷର ବ୍ୟବହାର ହୋଇଥାଏ ।

**ପ୍ରଥମ ପୁରୁଷ**

| **ବିଭକ୍ତି** | **ଏକବଚନ** | **ବହୁବଚନ** |
|---|---|---|
| ପ୍ରଥମା | ମୁଁ | ଆମେ, ଆମେମାନେ |
| ଦ୍ୱିତୀୟା | ମୋତେ | ଆମକୁ, ଆମମାନଙ୍କୁ |
| ତୃତୀୟା | ମୋ'ଦ୍ୱାରା | ଆମଦ୍ୱାରା, ଆମମାନଙ୍କଦ୍ୱାରା |
| ଚତୁର୍ଥୀ | ମୋତେ | ଆମକୁ, ଆମମାନଙ୍କୁ |
| ପଞ୍ଚମୀ | ମୋ'ଠାରୁ | ଆମଠାରୁ, ଆମମାନଙ୍କଠାରୁ |
| ଷଷ୍ଠୀ | ମୋର | ଆମମାନଙ୍କର |
| ସପ୍ତମୀ | ମୋ'ଠାରେ | ଆମଠାରେ, ଆମମାନଙ୍କଠାରେ |

**ଦ୍ୱିତୀୟ ପୁରୁଷ**

| **ବିଭକ୍ତି** | **ଏକବଚନ** | **ବହୁବଚନ** |
|---|---|---|
| ପ୍ରଥମା | ତୁ, ତୁମେ, ଆପଣ | ତୁମେମାନେ, ଆପଣମାନେ |
| ଦ୍ୱିତୀୟା | ମୋତେ, ତୁମକୁ, ଆପଣଙ୍କୁ | ତୁମମାନଙ୍କଦ୍ୱାରା, ଆପଣମାନଙ୍କଦ୍ୱାରା |
| ତୃତୀୟା | ତୋ'ଦ୍ୱାରା, ତୁମ ଦ୍ୱାରା, | ଆପଣଙ୍କ ଦ୍ୱାରା, ତୁମମାନଙ୍କ ଦ୍ୱାରା, ଆପଣମାନଙ୍କଦ୍ୱାରା |
| ଚତୁର୍ଥୀ | ତୋତେ, ତୁମକୁ | ଆପଣଙ୍କୁ, ତୁମମାନଙ୍କୁ, ଆପଣମାନଙ୍କୁ |
| ପଞ୍ଚମୀ | ତୋ'ଠାରୁ, ତୁମଠାରୁ | ଆପଣଙ୍କଠାରୁ, ତୁମମାନଙ୍କଠାରୁ, ଆପଣମାନଙ୍କ ଠାରୁ |
| ଷଷ୍ଠୀ | ତୋ'ର, ତୁମର | ଆପଣଙ୍କର ତୁମମାନଙ୍କର, ଆପଣମାନଙ୍କର |
| ସପ୍ତମୀ | ତୋ'ଠାରେ, ତୁମଠାରେ | ଆପଣଙ୍କଠାରେ ତୁମମାନଙ୍କଠାରେ, ଆପଣମାନଙ୍କଠାରେ |


**ତୃତୀୟ ପୁରୁଷ**

| **ବିଭକ୍ତି** | **ଏକବଚନ** | **ବହୁବଚନ** |
|---|---|---|
| ପ୍ରଥମା | ସେ, ତାହା, ଏ, ଏହା | ସେମାନେ, ସେଗୁଡ଼ିକ, ଏମାନେ, ଏଗୁଡ଼ିକ |
| ଦ୍ୱିତୀୟା | ତାକୁ, ତାଙ୍କୁ, ଯାକୁ, ଯାଙ୍କୁ | ସେମାନଙ୍କୁ, ସେଗୁଡ଼ିକୁ, ଏମାନଙ୍କୁ,ଏଗୁଡ଼ିକୁ |

| | | |
|---|---|---|
| ତୃତୀୟା | ତାଦ୍ୱାରା, ତାଙ୍କଦ୍ୱାରା, | ସେମାନଙ୍କଦ୍ୱାରା, ସେଗୁଡ଼ିକଦ୍ୱାରା, |
| | ଏହାଦ୍ୱାରା,ଏହାଙ୍କଦ୍ୱାରା, | ଏମାନଙ୍କଦ୍ୱାରା, ଏଗୁଡ଼ିକଦ୍ୱାରା |
| ଚତୁର୍ଥୀ | ତାକୁ, ତାଙ୍କୁ, ଯାକୁ, ଯାଙ୍କୁ | ସେମାନଙ୍କୁ, ସେଗୁଡ଼ିକୁ, ଏମାନଙ୍କୁ, ଏଗୁଡ଼ିକୁ |
| ପଞ୍ଚମୀ | ତା'ଠାରୁ, ତାଙ୍କଠାରୁ, | ସେମାନଙ୍କଠାରୁ, ସେଗୁଡ଼ିକଠାରୁ, |
| | ଏହାଠାରୁ, ଏହାଙ୍କଠାରୁ | ଏମାନଙ୍କଠାରୁ, ଏଗୁଡ଼ିକଠାରୁ |
| ଷଷ୍ଠୀ | ତାର, ତାଙ୍କର, ଯାର, ଯାଙ୍କର | ସେମାନଙ୍କର, ସେଗୁଡ଼ିକର,ଏମାନଙ୍କର,ଏଗୁଡ଼ିକର |
| ସପ୍ତମୀ | ତାଠାରେ, ତାଙ୍କଠାରେ, | ଏମାନଙ୍କଠାରେ, ସେମାନଙ୍କଠାରେ, |
| | ଯାଠାରେ, ଯାଙ୍କଠାରେ, | ସେଗୁଡ଼ିକଠାରେ, ଏଗୁଡ଼ିକଠାରେ । |

■■■

ଓଲ୍ଡ ଟାଉନ୍ , ଭୁବନେଶ୍ୱର




**ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା ଅଞ୍ଜଳି ଆଚାର୍ଯ୍ୟଙ୍କର ଅନୁବାଦିତ ଗଳ୍ପ ସଂକଳନ 'ଚର୍ଚ୍ଚିତ ଗଳ୍ପଗୁଚ୍ଛ'**

## ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ଚିହ୍ନ
ଆଲାପ
ମାନବୀ
ଅଙ୍କୁର

# ଇ ପତ୍ରିକା

# ଗଦ୍ୟ ବିଭାଗ



# ଜୟରାମର ଘର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଗତ ରାତିରେ ଅଚାନକ ମୋର ସ୍ୱପ୍ନ ଭଙ୍ଗ ପରେ ବା ସ୍ୱପ୍ନରେ ଦେଖିଲି ଜୟରାମକୁ ତାହା ଠିକ ଭାବରେ ନିର୍ଣ୍ଣୟ କରିପାରୁନାହିଁ ମୁଁ । ଅନ୍ତରକୁ ବାଲ୍ୟ ଓ କୈଶୋର କାଳରେ ଏକ ଏକ ଅସାମାନ୍ୟ ମୁହୂର୍ତ୍ତରେ ଯେଉଁମାନେ ଆଚ୍ଛାଦିତ କରି ରଖିଥିଲେ ସେମାନେ ଚାଳିଶ ପଚାଶ ବର୍ଷ ଅତିକ୍ରମ କରିଯିବା ପରେ ଏଭଳି  ବିସ୍ମିତ ଓ ଅଭିଭୂତ କରିଦେଇ ଉଭାସିତ ହୁଅନ୍ତି ବୋଲି ମୁଁ  ଜାଣି ନଥିଲି ଏହି ଅଲୌକିକ ଉଭାସନର ପ୍ରକୃତ ଅର୍ଥ ଓ ସଂକେତ ଆବିଷ୍କାର କରିବା ମଧ୍ୟ ନିଶ୍ଚୟ ଅତି କଠିନ ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଗୃହ ଭାବରେ ୧୯୬୯ ମସିହାରେ ଓଡିଶା ସରକାରଙ୍କ ଦ୍ୱାରା ଆମ ବାସଗୃହଟି ଜାତୀୟ କରଣ ଘୋଷିତ ହୋଇଥିଲା । ତା'ପରେ ସରକାରଙ୍କ ପକ୍ଷରୁ ଆମକୁ ପ୍ରଦାନ କରାଯାଇଥିଲା ସ୍ୱତନ୍ତ୍ର ଗୃହ ନିର୍ମାଣ ଯୋଗ୍ୟ ସ୍ଥାନ ଓ ନିର୍ମାଣ ଖର୍ଚ୍ଚ ନିମନ୍ତେ ୨୫ ହଜାର ଟଙ୍କା । ସରକାରଙ୍କ ନିର୍ଦ୍ଦେଶ ଥିଲା ଗୋଟିଏ ବର୍ଷ ମଧ୍ୟରେ ଗୃହ ନିର୍ମାଣ ସମାପ୍ତ କରି ଆମେ କବିଙ୍କ ଜନ୍ମ ଗୃହ ସରକାରଙ୍କ ହାତରେ ସମର୍ପି ଦେବୁ । ସେଥିପାଇଁ ଘର ତିଆରି କାମ ଅତ୍ୟନ୍ତ ତୀବ୍ର ଗତିରେ ଆଗେଇ ଚାଲିଥିଲା । ଉକ୍ତ ସ୍ଥାନରେ ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେର ବେଳେବେଳେ ସକାଳୁଆ ଖରାବେଳେ ଚୌକି ଉପରେ ବସିରହି ଲକ୍ଷ୍ୟ ରଖିଥାନ୍ତି ନିର୍ମାଣ କାର୍ଯ୍ୟକୁ । ବଡବାପା ଓ ବାପା ଏ ଉଭୟେ ପ୍ରାୟ ସର୍ବଦା ବ୍ୟସ୍ତ ରହୁଥିଲେ ସେହି କାର୍ଯ୍ୟରେ ।

ଘର ତିଆରି କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଶେଷ ପର୍ଯ୍ୟନ୍ତ ମଝିରେ ମଝିରେ କାହାରି ନା କାହାରି ସହିତ ମୁଁ  ଯାଇ ଦେଖି ଆସୁଥିଲି ନୂଆ ଘରର ରୂପରେଖ । କେତେ ଶ୍ରମିକ ସେମାନଙ୍କ ସ୍ୱେଦ ଓ ଶ୍ରମଦାନ କରିଛନ୍ତି, ତାହା ମଧ୍ୟ ଲକ୍ଷ୍ୟ କରିଛି ନିଜ ଅଜ୍ଞାତସାରରେ । ଏହି ସମସ୍ତଙ୍କ ମଧ୍ୟରେ ଗୋଟିଏ ଚରିତ୍ର ଉପରେ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଯାଉଥିଲା ସ୍ୱାଭାବିକ ଭାବରେ । ସେ ଯୁବକଟି ଦେଖାଯାଉନଥିଲା ଶ୍ରମିକ ପରି । ଗୋରା ତକତକ ଚେହେରା । ଖଣ୍ଡାଧାର ଭଳି ନାକ । ଆଖିର ଆକର୍ଷଣ ସ୍ୱତନ୍ତ୍ର । ମନେ ହେଉଥାଏ ସତେ ଯେମିତି କେଉଁ ରାଜକୁମାର ଶ୍ରମିକ ଭୂମିକାରେ ହୋଇଛନ୍ତି ଅବତୀର୍ଣ୍ଣ ।  ତା'ର ପରିଚୟ ଦେବା ସକାଶେ ବାପା ମୋ ଆଗରେ ବର୍ଣ୍ଣନା କରିଛନ୍ତି ଅନେକ କଥା । ସେ ସବୁ ଆଜି ମନରୁ ପୋଛି ହୋଇଯାଉଛି । ବାପାଙ୍କ କହିଥିବା ଦୁଇ ତିନୋଟି ମାତ୍ର ବାକ୍ୟ ଜହ୍ଲଲ୍ୟମାନ ହୋଇରହିଛି ଅନ୍ତଃସ୍ଥଳରେ । ତାହାହେଲା ଜୟରାମ ଘର ତିଆରିଠାରୁ ଆରମ୍ଭ କରି ଶେଷ ହେବା ପର୍ଯ୍ୟନ୍ତ ସେହି ସ୍ଥାନରେ କାଠପଟାରେ ତିଆରି ଛୋଟ ଏକ ପ୍ରକୋଷ୍ଠରେ ରହୁଥିଲା ସିଏ ସମଗ୍ର ବର୍ଷଟି ବ୍ୟାପୀ । ତା'ର  ଘର ଦ୍ୱାର ଆତ୍ମୀୟ ସ୍ୱଜନ କିଏ ଥିଲେ, କେଉଁଠୁ ସେ କାହିଁକି ଆସିଥିଲା ଏଠାକୁ, ତାହା ଜାଣିବାର ଆଗ୍ରହ ବା ଅବକାଶ ନଥିଲା ସେତିକିବେଳେ । ଅନେକ ସମୟରେ ଦେଖିଛି ଜୟରାମ କିପରି ଘର ତିଆରି କାମରେ ଥିଲା ଧ୍ୟାନମଗ୍ନ । ପିତାମହ ବଡବାପା ଓ ବାପା ଏ ତିନିଜଣଙ୍କୁ ଛାଡ଼ିଦେଲେ ଘର ତିଆରିର ସମସ୍ତ ଦାୟିତ୍ୱ ମୂଳରୁ ଶେଷ ପର୍ଯ୍ୟନ୍ତ ଜୟରାମ ହିଁ ବୁଝୁଥିଲା ସବୁକଥା । ଆଜି ସ୍ଥିର ଚିତ୍ତରେ ଭାବୁଛି ସରକାର ଘର ତିଆରି  ପାଇଁ ଜମି ଦେଇଥିଲେ । ଅର୍ଥ ମଧ୍ୟ ପ୍ରଦାନ  କରିଥିଲେ । କିନ୍ତୁ ଘର ତିଆରି କାର୍ଯ୍ୟ ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖିବାକୁ ଓ ସର୍ବଦା ନିଜକୁ ସେଥିପାଇଁ ହିଁ ସମର୍ପିତ କରି ରଖିଥିବା ଏ ଜୟରାମକୁ ପଠାଇଥିଲା କିଏ ? ବାପା ତାଙ୍କ ସମଗ୍ର ଜୀବନ ବ୍ୟାପୀ ଏହି ଚରିତ୍ର ସମ୍ପର୍କରେ ଯେତେବେଳେ କହିବାକୁ ଆରମ୍ଭ କରୁଥିଲେ, ସେତେବେଳେ ତାଙ୍କ ଆଖି ଦୁଇଟିରେ ଫୁଟିଉଠୁଥିଲା ଆବେଗର ଆଲୋକ ।ଜୟରାମର ପ୍ରଶଂସାରେ ସେ ଥିଲେ ଶତମୁଖ । ଆଉ ତା'ପ୍ରତି କୃତଜ୍ଞତା ବୋଧରେ ହେଉଥିଲେ ବିଗଳିତ ।

୧୯୭୦  ମସିହାରେ ଘର ତିଆରି କାମ ହୋଇଥିଲା ଏକ ପ୍ରକାର ସଂପୂର୍ଣ୍ଣ । ସେ ସମ୍ପୂର୍ଣ୍ଣତା ଥିଲା ଅପୂର୍ଣ୍ଣତାର ଏକ ସଙ୍କେତ ହୋଇ, ତେବେ ଯାହାହେଉନା କାହିଁକି ଆମେ ସମସ୍ତେ ୧୯୭୦ ମସିହା ମଇ ୧ ତାରିଖ ଦିନ ସନ୍ଧ୍ୟାରେ କରିଥିଲୁ ଗୃହପ୍ରବେଶ । ଘର ତିଆରି କାମ ସରିଯିବା ପରେ ଜୟରାମର ଭୂମିକା ସେତିକିରେ ହୋଇସାରିଥିଲା ସମାପ୍ତ । ସେ ଯେ କେଉଁ ନିର୍ଦ୍ଦିଷ୍ଟ ଦିନ ବିଦାୟ ନେଲା ସେ ଘରରୁ ଏହା ଜାଣିପାରିନଥିଲି ମୁଁ ।

ବାପାଙ୍କ ଦେହାବସାନର ବିତିଯାଇ ସାରିଛି ପନ୍ଦର ବର୍ଷରୁ ଅଧିକ । ଆଉ ତା ନାଁ ଅନ୍ୟ କାହାଠାରୁ ଉଚ୍ଚାରିତ ହେବା ଶୁଣିନାହିଁ ବୋଲି ଲେଖିବା ବେଳକୁ ମନେ ପଡ଼ିଯାଉଛି ବଡବାପା ଆଉ ମୋର ମାଆ ମଧ୍ୟ ଜୟରାମର ଅପୂର୍ବ ଉତ୍ସର୍ଗୀକୃତ ଭାବ ବର୍ଣ୍ଣନା କରୁଥିବା କଥା । ମୋର ମଝିଆଁ ପିଉସୀ ମଧ୍ୟ ହୁଏ ତ ସେଦିନର ଅନୁଭୂତି ବ୍ୟକ୍ତ କରିଛନ୍ତି ନିଶ୍ଚୟ । ତାହା ହୋଇନଥିଲେ ଜୟରାମର ସେହି ରାଜୋଚିତ ରୂପ ଓ ସମର୍ପଣର ଦୃଶ୍ୟ ମୋର ଅନ୍ତଚେତନାରେ ଜାଗ୍ରତ ହୋଇନଥାନ୍ତା କାଲି ରାତିରେ ।

ମୁଁ ଜୟରାମ ସମ୍ପର୍କରେ ଯେହେତୁ ଆଉ କିଛି ଜାଣିନାହିଁ, ତେଣୁ ଅଧିକ କିଛି କହିବା ମୋ ଦ୍ୱାରା ସମ୍ଭବ ହେଉନାହିଁ । ତା'ହେଲେ କ'ଣ କହିବାକୁ ଆଜି ମୁଁ ହୋଇଛି ଭାବାଚ୍ଛନ୍ନ, ତାହାର ରହସ୍ୟ ଉନ୍ମୋଚନ ନକରି ବିଦାୟ ନେବି ବା କିପରି ?

ଯେଉଁ ରାଜା ମହାରାଜାମାନେ ବିରାଟ ବିରାଟ କାରୁକାର୍ଯ୍ୟ ଖଚିତ ମନ୍ଦିର ତିଆରି କରିଛନ୍ତି, ସେମାନଙ୍କ ନାମ ଇତିହାସର ପୃଷ୍ଠାରେ ସୁଲିଖିତ । ସଚ୍ଚିଦାନନ୍ଦ ରାଉତରାୟଙ୍କ ଭଳି କବି 'କୋଣାର୍କ'ର ବିସ୍ମୟଦୀପ୍ତ ନିର୍ମାଣ ମଧ୍ୟରେ ଦେଖିଥିଲେ ବାରଶତ ବଢ଼େଇଙ୍କ ଲୁହ ଓ ଲହୁ । ମାନସିଂହ ମଧ୍ୟ କୋଣାର୍କ କବିତାରେ କହିଯାଇଛନ୍ତି ଯେଉଁ ନିଖୁଣ ଶିଳ୍ପୀବୃନ୍ଦ ନିଜ ନିହାଣ ମୁଗୁରରେ ଗଢିଦେଲେ ବିଶ୍ୱର ବିସ୍ମୟ କୋଣାର୍କ, ତାଙ୍କୁ ଜାଣିବାର ଅବକାଶ ଅନୁପସ୍ଥିତ ।

ମୁଁ ଏପରି ଏକ ପ୍ରସଙ୍ଗରେ ଆଜି ଆଲୋକପାତ କରିବାର ଉଦ୍ଦେଶ୍ୟ କ'ଣ ତାହା ସଚେତନ ଓ ସହୃଦୟ ପାଠକମାନେ ଏତିକିରୁ ଅନୁମାନ କରିସାରିଥିବେ । କେହି କେହି ସୁନିଶ୍ଚିତ ହୋଇସାରିଥିବେ ଏ ଲେଖାର ଆଭିମୁଖ୍ୟ ସମ୍ପର୍କରେ ।

ଘର ତିଆରି ହୋଇଛି ସରକାରଙ୍କ ପ୍ରଦତ୍ତ ଅର୍ଥରେ । ମୋର ବାପା ଓ ବଡବାପାଙ୍କ ଉଦ୍ୟମରେ ନିର୍ମାଣ କାର୍ଯ୍ୟ ସୁଚାରୁ ଭାବରେ ସମ୍ପନ୍ନ ହୋଇଛି । ଏ ଘରର ନାମକରଣ ମୁଁ ନିଜେ କରିଛି "ଗଙ୍ଗାଧର ସ୍ମୃତି ସଦନ" ବୋଲି । ଏହା କବି ପରିବାରଙ୍କ ନୂତନ ବାସଭବନ ବୋଲି ଜାଣନ୍ତି ସମସ୍ତେ । ମାତ୍ର ପରଦା ଅନ୍ତରାଳରେ ରହି ଈଶ୍ୱର ପ୍ରେରିତ ଯେଉଁ ବିଶ୍ୱକର୍ମା ଏ ଘର ନିର୍ମାଣରେ ନେଇଛନ୍ତି ମୁଖ୍ୟ ଭୂମିକା, ତାଙ୍କରି ପବିତ୍ର ନାମରେ ଆମ ଘରର ପରିଚୟ ଦେବା ପାଇଁ ମୁଁ ଆଜି ହୋଇଉଠିଛି ଆବେଗ ପ୍ରବଣ । ଆଉ କ'ଣ ବୁଝାଇବାକୁ ବାକି ରହିଛି କିଛି ? ଯାହାରି ହାତରେ ଗଢା ଏହି ଗୃହ-ମନ୍ଦିର ତାହାରି ନାମ ରଚନା କରି କେବଳ ତା'ପ୍ରତି ନୁହେଁ, ସମସ୍ତ ଶ୍ରମଦାନ କରିଥିବା ବିଶ୍ୱକର୍ମାଙ୍କ ପ୍ରତିଟି ଅଂଶକୁ ଜୟରାମର ନାଆଁ ସହିତ ଯୋଡ଼ିଦେଇ ଆଉ ଅଧିକ ଗୌରବାନ୍ୱିତ ମନେକରୁଛି ନିଜକୁ ।

ଅଲୌକିକ ଭାବରେ କେଉଁ ଅଜଣା ଅଂଚଳରୁ ଆଗମନ କରିଥିବା ଜୟରାମ କେବଳ କ'ଣ ଆସିଥିଲା ଜୀବିକାର୍ଜନପାଇଁ ? ଏ କଥାକୁ ସ୍ୱୀକାର କରିପାରୁନାହିଁ ମୋର ଅନ୍ତଃସତ୍ତା । ଏପରି ଏକ ଏକ ଚରିତ୍ର ଏକ ଏକ ସୁନିର୍ଦ୍ଦିଷ୍ଟ ମହତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ହିଁ ସତେ ଯେମିତି ଅଦୃଶ୍ୟ କାହାର ଇଙ୍ଗିତରେ ଆସିଥାନ୍ତି ଜୀବନକୁ ଉତ୍ସର୍ଗ କରିଦେବା ପାଇଁ । ସେ ଯଦି ନିଜର ଅମୂଲ୍ୟ ଜୀବନର ତେଜୋଦୀପ୍ତ ମୁହୂର୍ତ୍ତକୁ ଉତ୍ସର୍ଗ କରିଦେଲା ଆମ ପାଇଁ, ତା'ହେଲେ ଯଦି ଏହାକୁ ଏକ ଗଳ୍ପ ବୋଲି ଆପଣ ମନେ କରି ପାରନ୍ତି ତା'ହେଲେ ଏହାର ଶୀର୍ଷକ ଯେ ମୋ ହୃଦୟର ଯତ୍ କିଞ୍ଚିତ୍ ଶ୍ରଦ୍ଧାର ସନ୍ତକ ହୋଇପାରେ ଆଉ ହୋଇପାରେ ମଧ୍ୟ ଇତିହାସର ମୋଡ଼ ବଦଳେଇ ଦେଇପାରୁଥିବା ସାନ ଗୋଟିଏ ପଦକ୍ଷେପ, ତାହା କ'ଣ ସ୍ୱୀକାର କରି ପାରିବେ ନାହିଁ ? ଜୟରାମ କିଏ ବୋଲି ପ୍ରଶ୍ନ ପଚାରିବା ସତେ ଯେମିତି ହୋଇଯାଉଛି ଅର୍ଥହୀନ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ 'ଭକ୍ତି' କବିତାରେ ବର୍ଣିତ 'ବିଶ୍ୱ ଜୀବନ'ଙ୍କ ଦ୍ୱାରା ପ୍ରେରିତ ଥିଲା ଯେ ଜୟରାମ ଏହା ମନେକରିବାରେ ରହିଛି ପରମ ତୃପ୍ତି । ଅତୃପ୍ତିରେ ନୁହେଁ, ଅସାମାନ୍ୟ କୃତଜ୍ଞତା ଓ ତୃପ୍ତିରେ ଯେ ଟାଣି ହୋଇଯାଉଛି ସମାପ୍ତି ରେଖା ଏଥିପାଇଁ ଏହାକୁ ଗଳ୍ପ ବୋଲି ଆପଣ କ'ଣ ସ୍ୱୀକାର କରିପାରିବେ ନାହିଁ ?

ସ୍ନାତୋକତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱ ବିଦ୍ୟାଳୟ, ବାଲେଶ୍ୱର
ମୋ : ୯୯୩୭୩୭୫୬୯୮

■■■



# ବିସ୍ମୟ ବୈଚିତ୍ର୍ୟ

**ବସନ୍ତ ମାଝି**



ଜୀବନ ସୁରକ୍ଷା ତାଗିଦରେ ହଠାତ୍ ସେଦିନ ସଫେଦ ରଙ୍ଗର ବିଲେଇ ଛୁଆଟିଏ ମିଆଁଉ ମିଆଁଉ ଡ଼ାକ ପାରି ଘର ଭିତର-କୁ ଅବାଧ ପ୍ରବେଶ କରିଥିଲା । ମୋ ଝିଅକୁ ସତେଅବା ଏକ ଜୀବନ୍ତ କଣ୍ଢେଇ ମିଳିଗଲା ।  ଫ୍ରିଜ୍‌ରୁ କ୍ଷୀର ଏକ ଗିନାରେ ଆଣି ପିଆଇଲା । ଏହାପରଠୁ ପୁଷି ଆମ ସୋଫା ସେଟ୍‌ରେ ବି ଆସ୍ଥାନ ଜମାଇ ବସିଲା । ବୋଧହୁଏ ମୋ ଝିଅର ସେବା ଭିତରେ ସେ ଏତୁରୁ ଏତୁଟିଏ ହୋଇଗଲା ।

ଆମ ଘରର ଗୋଟିଏ ପାର୍ଶ୍ୱରେ ଥିବା ବଗିଚାରେ ହରେକ ରଂଗର ଫୁଲଗଛ ଅଛି । ଏହି ବଗିଚାରେ ପୁଷି ପ୍ରଜାପତିକୁ ଧରିବାର ଯେଉଁ କସରତ କରେ ତାକୁ ଆମେ ମାଆ - ଝିଅ ବେଶ୍ ଉପଭୋଗ କରୁ । ହଠାତ୍ ସେଦିନ ଦେଖିଲି ବଗିଚାରେ ଆମ ପୁଷି ବାହାରର ଏକ ପୁରୁଷ ବିଲେଇ ସହ ରତିକ୍ରିୟାରେ ବେଶ ମଗ୍ନ । ସମୟାନ୍ତେ ଆମ ପୁଷି ସିଢ଼ି ତଳକୁ ତା'ର ପ୍ରସୂତୀ ଗୃହ କଲା ଏବଂ ତିନୋଟି ଶାବକକୁ ଜନ୍ମ ଦେଲା । ମାତୃତ୍ୱର ଗର୍ବରେ ସେ ବୋଧହୁଏ ଆତ୍ମମଗ୍ନ ହୋଇ ଉଠିଥିଲା । ହଠାତ୍  ସେଦିନ ପୁଷିର ଆର୍ତ୍ତଚିତ୍କାର ଶୁଣି ଶୋଇବାଘରୁ ଧାଇଁଗଲି । ଆଶ୍ଚର୍ଯ୍ୟ, ଆମ ପୁଷି ଲଢ଼େଇ କରୁଛି ତା'ର ସେହି ପୁରୁଷ ବନ୍ଧୁ ସହିତ, ଯାହା ସହିତ ବଗିଚାରେ ରତିକ୍ରିୟା କରୁଥିଲା । ସେଠାରେ ପଡ଼ିଥିଲା ତା'ର ପୁତ୍ର ଶାବକର ଖଣ୍ଡ - ବିଖଣ୍ଡିତ ମୃତ ଶରୀର । ଏହା ସେକ୍ସ ଜେଲିୟସିର କୁପରିଣତି ପ୍ରାଣୀ ସମାଜର ।

ପୁଣି ସେହି ପୁରୁଣା ଘଟଣାର ପୁନରାବୃତ୍ତି । ପୁଷି ସେହି ବଗିଚାରେ ତା' ପୁତ୍ର ସନ୍ତାନର ହତ୍ୟାକାରୀ ସହିତ ରତିକ୍ରିୟା କରୁଛି । ପୁଷି ପ୍ରତି ମୋର ଘୃଣା ସୃଷ୍ଟି ହେଲା ମନରେ । ସେ ରତିକ୍ଳାନ୍ତ ହୋଇ ପର୍ଟିକୋରେ ମୁଁ ବସିଥିବା ଚେୟାର ପାଖକୁ ମିଆଁଉ - ମିଆଁଉ (ମାଆ - ମାଆ) ଡ଼ାକପାରି ଆସି ପାଦରେ ଛନ୍ଦି ହେଲା । ତାକୁ ଗୋଇଁଠାଟିଏ ଦେଲି ଅତି ଘୃଣାରେ ।

କେଇ ହାତ ଦୂରକୁ ଛିଟିକି ପଡ଼ିଥିବା ପୁଷି କରୁଣ ଦୃଷ୍ଟିରେ ମୋତେ ଅନେଇ ରହିଲା ଏବଂ କହିଲା - ମିଆଁଉ । ମିଆଁଉ... । ତା'ର ସେହି ମିଆଁଉ - ମିଆଁଉ ଶବ୍ଦ ଭିତରେ ମୁଁ ଶୁଣିପାରିଲି, "ମାଆ ତମେ ନିଜକୁ ଟିକେ ଅନେଇଲ । ତମର ସମସ୍ତ ପ୍ରତିବାଦ ସତ୍ତ୍ୱେ ସ୍ୱାମୀଙ୍କ ନିର୍ଦ୍ଦେଶରେ ଗର୍ଭପାତ କରାଇଲ କନ୍ୟାଭ୍ରୁଣ ଗର୍ଭରେ ରହିଛି ବୋଲି । ତମେ ପୁଣି ତୁମ କନ୍ୟାସନ୍ତାନର ହତ୍ୟାକାରୀ ସହିତ ରତିକ୍ରିୟା କେମିତି କରୁଛ ? ଏହା ତ ସେକ୍ସ ଜେଲିୟସି ନୁହେଁ" ।

ଆମ୍ଭ ପ୍ରକୃତିସ୍ଥ ହେଲି । ପୁଷି ଆଡ଼କୁ ମୁଁ ଗୋଟିଏ ଅଙ୍ଗୁଳି ପ୍ରଦର୍ଶନ କଲାବେଳେ ମୋ ଆଡ଼କୁ ଯେ ତିନୋଟି ଆଙ୍ଗୁଳି ନିର୍ଦ୍ଦେଶ କରୁଥିଲା, ମୁଁ ଭାବି ପାରି ନ ଥିଲି ।

ପ୍ରତିଷ୍ଠାତା ସଂପାଦକ,
ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର
ମୋ :୯୪୩୭୮୭୨୧୯୨୫

■■■



# ଧୈର୍ଯ୍ୟ ଓ ବୁଦ୍ଧିମତା ନ୍ୟାୟ ପାଇଲା

**ଡା.ଘନଶ୍ୟାମ ଜୈନ**



ବହୁ ବର୍ଷ ତଳର କଥା। ଏକ ଛୋଟିଆ ସହରରେ ଦୁଇଜଣ ବନ୍ଧୁ ରହୁଥାଆନ୍ତି । ତାଙ୍କ ଭିତରେ ଏତେ ନିବିଡ଼ତା ଥାଏ ଯେ ଲୋକେ ତାଙ୍କ ବନ୍ଧୁତାର ଉଦାହରଣ ଦିଅନ୍ତି । ତାଙ୍କ ଭିତରେ ଜଣେ ଥିଲେ ଏକ ଧନୀ ବ୍ୟବସାୟୀ ଏବଂ ଅନ୍ୟଟି ଥିଲେ ମଧ୍ୟମ ବର୍ଗୀୟ ।

ଧନୀକ ବ୍ୟକ୍ତିଙ୍କ ଲୁହାର ବ୍ୟାପାର ଥିଲା। ତାଙ୍କ ଗୋଦାମରେ ପ୍ରତ୍ୟେକ ପ୍ରକାର ଲୁହାସାମଗ୍ରୀ ଭରପୂର ହୋଇ ରହିଥାଏ। ଥରେ ତାଙ୍କୁ ତୀର୍ଥ ଦର୍ଶନରେ ପ୍ରାୟ ଏକ ମାସ ପାଇଁ ବାହାରକୁ ଯିବାକୁ ପଡିଲା। ସେ ନିଜ ସେହି ଅନ୍ତରଙ୍ଗ ବନ୍ଧୁଙ୍କୁ ଡାକି କହିଲେ,"ମୁଁ ମାସକ ପାଇଁ ବାହାରକୁ ଯାଉଛି । ତୁ ମୋ ସବୁଠୁଁ ଅନ୍ତରଙ୍ଗ ଏବଂ ବିଶ୍ୱାସୀ ବନ୍ଧୁ । ଏଣୁ ତୋ ଦାୟିତ୍ୱରେ ଏହି ଗୋଦାମଟି ଦେଇକି ଯାଉଛି। । ତାହାର ଦେଖାଶୁଣା ମୁଁ ଆସିବା ଯାଏଁ ତୋ ଦାୟିତ୍ୱରେ ରହିଲା। ବନ୍ଧୁଜଣକ ମଧ୍ୟ ବଡ଼ ଆଗ୍ରହର ସହିତ ଧନୀକ ବ୍ୟବସାୟୀଙ୍କ ଠାରୁ ଚାବିପେଛା ନେଇ ତାଙ୍କୁ ନିଜ ସହମତି ପ୍ରଦାନ ପୂର୍ବକ ସହର୍ଷେ ବିଦାୟ ଦେଲେ।

ମାସକ ପରେ। ଧନୀକ ବ୍ୟବସାୟୀ ତୀର୍ଥଯାତ୍ରା ସାରି ଫେରିଆସିଲେ ନିଜ କର୍ମଭୂମିକୁ । ବନ୍ଧୁଙ୍କ ଠାରୁ ଚାବିନେଇ ଦେଖନ୍ତେ ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଗୋଦାମ ଘର ଟା ଯେ ପୁରାପୁରି ଖାଲି । ଯେଉଁ ଗୋଦାମଟି ଲୁହା ସାମଗ୍ରୀରେ ଭରପୁର ଥିଲା, ସେଇଠି ଆଜି ଛୋଟିଆ କଣ୍ଟାଟିଏ ବି ନାହିଁ।

ସେ ଆଶ୍ଚର୍ଯ୍ୟହେଇ ନିଜ ବନ୍ଧୁଙ୍କୁ ଯାଇ ସବୁ କଥା ପଚାରନ୍ତେ ସେ ବଡ଼ ଦୁଃଖପ୍ରକାଶ କରିବାର ପ୍ରହସନ କରି କହିଲେ,"ମୁଁ ବହୁତ ଦୁଃଖିତ ବନ୍ଧୁ,ତୁମ ଗୋଦାମର ଠିକ ଭାବରେ ରକ୍ଷଣାବେକ୍ଷଣ କରି ପାରିଲିନି"।

"ହେଲେ ଏତେ ସବୁ ଲୁହା ସାମଗ୍ରୀ ଗଲା କୁଆଡେ"?
ବନ୍ଧୁଜଣକ ମୁହଁ ତଳକୁ କରି କହିଲେ,"ବୋଧହୁଏ ୟା'ରୀ ଭିତରେ ଲୁହାସବୁକୁ ମୂଷାମାନେ ଖାଇଯାଇଛନ୍ତି"।

ଧନୀକ ବ୍ୟବସାୟୀଙ୍କୁ ଆଉ କିଛି ବୁଝିବାକୁ ବାକି ରହିଲାନାହିଁ ଯେ ସେହି ବନ୍ଧୁ, ଯାହାକୁ ସେ ଏତେ ବିଶ୍ୱାସ କରୁଥିଲେ,ଏତେ ଆନ୍ତରିକତା ସହ ଭଲ ପାଉଥିଲେ, ସେ ହିଁ ତାଙ୍କ ସହିତ ବିଶ୍ୱାସଘାତକତା କରିଛି ! ସବୁତକ ଲୁହାସାମଗ୍ରୀ ବିକ୍ରୟ କରି ମୂଷାଙ୍କ ବାହାନା କରୁଛି । ମୂଷା କ'ଣ କେବେ ଲୁହା ଖାଇପାରେ ?

ଧନୀକ ବ୍ୟବସାୟୀ କିନ୍ତୁ ଥିଲେ ବେଶ ଚାଲାକ ଏବଂ ସ୍ଥିତପ୍ରଜ୍ଞ । ସେ ଆଦୌ ଅଧୈର୍ଯ୍ୟ ନ ହୋଇ ବନ୍ଧୁ ଜଣଙ୍କୁ କହିଲେ,"ହଉ ବନ୍ଧୁ, କିଛି କଥା ନାହିଁ । ଯାହା ହେବାର ଥିଲା, ହୋଇଗଲା। ସମୟ ଏବେ ବୋଧ ହୁଏ ମୋ ପାଇଁ ପ୍ରତିକୂଳ ଥିଲା। ଅନୁକୂଳ ପରିସ୍ଥିତି ପାଇଁ ମୋତେ ଅପେକ୍ଷା ସହିତ ପୁଣି ପରିଶ୍ରମ କରିବାକୁ ହେବ । ଭଗବାନ ତୁମର ମଙ୍ଗଳ କରନ୍ତୁ"। ଏ'ୟା କହି ସେ ମନକଷ୍ଟ ରେ ସେଠୁଁ ବିଦାୟ ନେଲେ।

କିନ୍ତୁ ମନେ ମନେ ଭାବୁଥାନ୍ତି କେମିତି ସେହି ବିଶ୍ୱାସଘାତକ ବନ୍ଧୁକୁ ଏକ ଉଚିତ ଶିକ୍ଷା ଦେବେ। ଅନୁକୂଳ ସମୟ ଅପେକ୍ଷାରେ ଥାଆନ୍ତି।

ସେଇମିତି ଥରେ ସେହି ବନ୍ଧୁଙ୍କୁ କୌଣସି ଏକ ଜରୁରୀ କାମରେ ସପତ୍ନୀକ ବାହାରକୁ ଯିବାକୁ ପଡିଥିଲା କିଛିଦିନ ପାଇଁ। ତା'ର ଏକମାତ୍ର ୧୦ବର୍ଷର ପୁତ୍ରଟିଏ ଥାଏ । ତା'ର ଆଗରେ ପରୀକ୍ଷା ଥିବାରୁ ତା'କୁ ସାଙ୍ଗରେ ନ ନେଇ ସେ ସେହି

ଧନୀକ ବନ୍ଧୁଙ୍କ ଘରେ ତା'ଙ୍କ ଜିମାରେ ଛାଡ଼ିଦେଇଗଲା । ଧନୀକ ବନ୍ଧୁ ମଧ୍ଯ ଆଗ୍ରହର ସହିତ ତା କଥା ରକ୍ଷାକରି ସେହି ପୁଅକୁ ଘରେ ରଖିଲେ।

ଠିକ ସୁଯୋଗ ଆସି ପହଂଚିଗଲା । କିଛିଦିନ ପରେ ସେହି ବନ୍ଧୁ ଜଣକ ଘରକୁ ଫେରି ଯେତେବେଳେ ନିଜ ପୁଅକୁ ନେବାକୁ ଆସିଲେ, ଧନୀକ ବନ୍ଧୁ ଜଣକ କହିଲେ,"ବନ୍ଧୁ,ବଡ଼ ଦୁଃଖର ସହିତ ମୋତେ ତମକୁ ଏ ଦୁଃସମ୍ବାଦ ଦେବାକୁ ପଡୁଛି,ତମ ପୁଅ ଆଉ ଏ ଦୁନିଆରେ ନାହିଁ"।

"କାହିଁ କଣ ହେଲା ମୋ ପୁଅକୁ"?,କାନ୍ଦି କାନ୍ଦି ପ୍ରଶ୍ନ କଲା ସେହି ବନ୍ଧୁଜଣକ।

ବଡ଼ ଧିରସ୍ଥିର,ଗମ୍ଭୀର ଏବଂ ଦୁଃଖପୂର୍ଣ୍ଣ ଭାବର ଅଭିନୟ କରି ଧନୀ ବ୍ୟବସାୟୀ ଜଣକ କହିଲେ,"ଏଇ ଗତକାଲି ହିଁ ତୁମ ପୁଅକୁ ମୋ ଅଗଣାରେ ଖେଳୁଥିବାବେଳେ କୁଆଡୁ ଏକ ଚିଲ ଆସି ତାକୁ ଟେକିନେଇ ଉପରକୁ ଉଡି ପଳେଇଲା।ଆମେ ବହୁତ ଦୌଡାଦୌଡ଼ି କରି ମଧ୍ଯ ତାର କିଛି ଠାବ ପାଇଲୁ ନାହିଁ। ସବୁ ଭାଗ୍ୟର କଥା ଭାଇ । ମୁଁ ଆଉ କଣ କରି ପରିଥାନ୍ତି"? ତମକୁ ଏଇ ଦୁଃସମ୍ବାଦ ଦେବାପାଇଁ କାଲିଠୁଁ ନ ଖାଇ ନ ପିଇ ଦୁଃଖରେ ମ୍ରିୟମାଣ ହେଇ ପଡି ରହିଛି"।

"ମିଛ କଥା, ନିରାଟ ମିଛ କଥା । ତୁମେ ମୋ ସାଙ୍ଗରେ ବିଶ୍ଵାସଘାତକତା କରିଛ । ବନ୍ଧୁ ନାଁରେ ତୁମେ ଏକ କଳଙ୍କ । ଏ'ୟା କଣ କେବେ ସମ୍ଭବ ହେଇପାରେ ଯେ ଏକ ଦଶ ବର୍ଷର ବାଳକକୁ ସାମାନ୍ୟ ଏକ ଚିଲ ଉଠେଇ ନେଇ ଯାଇପାରେ ? ମୁଁ ତୁମ ନାମରେ ପଂଚାୟତ ଡାକିବି ଏବଂ ନ୍ୟାୟ ମାଗିବି"। ଏ'ୟା କହି ରାଗରେ ଗରଗର ହେଇ ସେ ସେ'ଠୁ ପଳେଇଲା।

ତହିଁ ଆରଦିନ ପଂଚାୟତ ବସିଲା। ଗାଁର ମୁଖିଆ ସରପଂଚ ମହୋଦୟ ଆଉ ଚାରି ଜଣ ବିଜ୍ଞ ବ୍ୟକ୍ତିଙ୍କ ସହ ନ୍ୟାୟ କରିବା ପାଇଁ ବସିଲେ। ଧନୀକ ବ୍ୟବସାୟୀଙ୍କୁ ଡାକି ଜେରା କରାଗଲା । ପଞ୍ଚପରମେଶ୍ବର ତାଙ୍କୁ ପ୍ରଶ୍ନ ପଚାରନ୍ତେ, ସେ ଠିକ ସେ'ୟା କହିଲେ,ଯାହା ନିଜ ବନ୍ଧୁଙ୍କୁ କହିଥିଲେ ।

ନ୍ୟାୟବିତ ପଞ୍ଚ କିନ୍ତୁ ସାଙ୍ଗେ ସାଙ୍ଗେ କହିଲେ,"ନା,ତୁମ କଥା ଗ୍ରହଣ ଯୋଗ୍ୟ ନୁହେଁ । ଏହା ନିହାତି ଅସମ୍ଭବ । ତୁମେ ନିଶ୍ଚୟ ମିଛ କହୁଛ। ଏହା ପଛରେ ତୁମର କିଛି ମନ୍ଦ ଉଦ୍ଦେଶ୍ୟ ଅଛି । ସତକଥା କୁହ । ନଚେତ ତୁମକୁ ପ୍ରଥା ଅନୁସାରେ ଦଣ୍ଡ ବିଧାନ କରାଯିବ"।

ଏତିକି ଶୁଣିଲାପରେ ପୁତ୍ରର ବିୟୋଗରେ ମ୍ରିୟମାଣ ହେଇଥିବା ବାଳକର ପିତା ମନେ ମନେ କିଛିଟା ଆଶ୍ଵସ୍ତ ବୋଧ କରୁଥାଏ ଯେ, ଅନ୍ତତଃ ପୁଅକୁ ଫେରି ନ ପାଇଲେ ବି ଏହି ଲୋକକୁ ନିଶ୍ଚୟ କିଛିଟା ଶାସ୍ତି ମିଳିବ।

ଧନୀକ ବ୍ୟବସାୟୀ କିନ୍ତୁ ବଡ଼ ବିନମ୍ର ଭାବରେ ନ୍ୟାୟାଧୀଶ ପଞ୍ଚପ୍ରାଣଙ୍କୁ କହୁଥାନ୍ତି,'ହଁ ମହୋଦୟ, ୟା ପଛରେ ମୋର ନିଶ୍ଚୟ ଉଦ୍ଦେଶ୍ୟ ଅଛି, କିନ୍ତୁ ମନ୍ଦ ଉଦ୍ଦେଶ୍ୟ ନୁହେଁ । ଆପଣମାନେ ଜ୍ଞାନୀ ଏବଂ ନ୍ୟାୟପାଳ । ଆପଣମାନେ ବିଚାର କରନ୍ତୁ, ଏ କଳି ଯୁଗରେ ସବୁ ସମ୍ଭବ । ଯଦି ଲୁହା ଗୋଦାମରେ ଭର୍ତ୍ତି ହେଇ ରହିଥିବା ସମସ୍ତ ଲୁହା ତକକୁ ମୂଷାମାନେ ଖାଇଯାଇ ପାରନ୍ତି, ତେବେ ଗୋଟିଏ ଦଶ ବର୍ଷର ବାଳକକୁ ସାମାନ୍ୟ ଚିଲଟିଏ ଉଠେଇ ନେଇ ଯାଇ ପାରିବନାହିଁ କାହିଁକି ?" ଏ'ୟା କହି ସେହି ଧନୀକ ବ୍ୟକ୍ତିଟି ଗୋଟି ଗୋଟି କରି ପୂର୍ବରୁ ଘଟିଯାଇଥିବା ସବୁତକ ଘଟଣା ବଖାଣିଗଲା।

ନ୍ୟାୟ କରୁଥିବା ସେହି ଜ୍ଞାନୀ ପଞ୍ଚପରମେଶ୍ଵରଙ୍କୁ ବୁଝିବାରେ ଆଉ କିଛି ବାକି ରହିଲା ନାହିଁ । ସେହି ବନ୍ଧୁକୁ ଜେରା କଲାପରେ ସବୁ ସତକଥାତକ ବଖାଣିଗଲା।

"ହଁ, ମହାଶୟ, ମୁଁ ଲୋଭଗ୍ରସ୍ତ ହେଇଯାଇଥିଲି । ମୋରି ବନ୍ଧୁଙ୍କ ଅନୁପସ୍ଥିତିର ଫାଇଦା ଉଠେଇ ମୁଁ ସବୁତକ ଲୁହା ସାମଗ୍ରୀକୁ ବିକ୍ରି କରିଦେଇଛି । ସେ ଭୁଲ ମୁଁ ଆଉ ଜୀବନରେ କେବେହେଲେ କରିବିନାହିଁ । ଏଇଥରକ ପାଇଁ ମୋତେ କ୍ଷମା କରିଦିଅନ୍ତୁ"।

"ନା, ତାହା' ହେଇ ପାରିବ ନାହିଁ । ତୁମକୁ ସେହି ସବୁ ସାମଗ୍ରୀର ପୁରା ମୂଲ୍ୟ ଦେବା ସହ ଏକ ଶତ ମୁଦ୍ରା ଜୋରିମାନା ଆକାରରେ ଦେବାକୁ ହେବ"।

ଏ'ୟା କହି ଧନୀକ ବ୍ୟବସାୟୀଙ୍କ ଆଡକୁ ଚାହିଁ ପଞ୍ଚ ମହୋଦୟ ଆଦେଶ କଲେ,"ଏଥର ତୁମେ ତୁମ କର୍ତ୍ତବ୍ୟ ପାଳନ କର। ସେ ପୁଅକୁ ସକୁଶଳେ ଆଣି ବନ୍ଧୁଙ୍କୁ ଅବିଳମ୍ବେ ହସ୍ତାନ୍ତର କର ।"


ବ୍ୟବସାୟୀ ଜଣକ ମଧ ସାଂଗେ ସାଙ୍ଗେ ବଂଧୁପୁଅକୁ ଆଣି କ୍ଷମା ଯାଚନା ପୂର୍ବକ କହିଲେ, "ମୁଁ ଦୁଃଖିତ ବନ୍ଧୁ, ତୁମ ମନରେ ଆଘାତ ଦେଇ ଥିବାରୁ, କିନ୍ତୁ ମୁଁ ଅନନ୍ୟୋପାୟ ଥିଲି"।

ଧନୀକ ବ୍ୟବସାୟୀଙ୍କ ଏପରି ସ୍ଥିତପ୍ରଜ୍ଞ ଏବଂ ବୁଦ୍ଧିମତ୍ତା ପାଇଁ ସମସ୍ତେ ତାଙ୍କୁ ଧନ୍ୟ ଧନ୍ୟ କଲେ।

■■■

ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ,
ଟିଟିଲାଗଡ଼

## ଅପ୍ରେଲ ମାସରେ ପ୍ରକାଶିତ ପୁସ୍ତକ




କବି ତଥା ଗାଳ୍ପିକ

ଯୋଗେଶ ଚନ୍ଦ୍ର ମିଶ୍ରଙ୍କର ପ୍ରଥମ କବିତା ସଂକଳନ

**"ପ୍ରିୟ ଈଶ୍ୱର"**

# ଗଙ୍ଗା, ଯମୁନା, ସରସ୍ୱତୀ

ଡ. ସୁଚେତା ରାଉତ



ଯୋଉ ଦିନ ଭୁବନେଶ୍ୱରକୁ ବଦଳି ଅଡର ଆସିଲା ,ମୁଁ ଓ ପିଲାମାନେ ବହୁତ ଖୁସି ହୋଇଥିଲୁ । ଭୁବନେଶ୍ୱର ରେ ପଢ଼ାପଢ଼ି ପାଇଁ ବହୁତ ସୁବିଧା ମିଳିବ ଏବଂ ସବୁଠୁ ବଡ଼ କଥା ଥିଲା ଶ୍ୱଶୁର ତାଙ୍କ ଚାକିରି ଭିତରେ ଭୁବନେଶ୍ୱର ରେ ଗୋଟିଏ ଘର କରିଥିଲେ । ଆମର ଭୁବନେଶ୍ୱର ରେ ରହିବାର ଠିକ ହେବାରୁ ଭଡ଼ା ଲାଗିଥିବା ଘରୁ ଭଡାଟିଆ ଙ୍କୁ ନୋଟିସ ଦେଇ ଘର ଖାଲି କରିଥିଲୁ ।

ଭୁବନେଶ୍ୱର ଆସିଲା ପରେ ପ୍ରଥମେ ଯେଉଁ ଅସୁବିଧା ହେଲା ସେ ହେଉଛି ଘର କାମ ପାଇଁ ଚାକର ଅଭାବ। ଛୋଟ ଛୋଟ ସହରରେ କାମ କରିବାକୁ ବହୁତ ଶସ୍ତାରେ ଲୋକ ମିଳୁଥିଲେ । କିନ୍ତୁ ଭୁବନେଶ୍ୱର ରେ ଠିକା କାମବାଲିଙ୍କ ଭାଉ ଅଧିକା । ବହୁତ ଖୋଜା ଖୋଜି ପରେ ଘର ପାଖରେ ଥିବା ଅଙ୍ଗନବାଡ଼ି ର ପିଅନ ତା'ର ଭଉଣୀ ଗଙ୍ଗା କୁ ଗାଁ ରୁ ଆଣିଥିଲା ।

ଗଙ୍ଗା ପାଇଁ ବାରିପଟେ ଗୋଟିଏ ଘର ତିଆରି ହେଲା । ସେ ତା'ର ଛୁଆକୁ ନେଇ ରହିଲା । ଗଙ୍ଗା ର ଚରିତ୍ର ବହୁତ ଭଲ । ଆମ ଘରେ ଥିଲା ପର୍ଯ୍ୟନ୍ତ ସେ କେବେ କିଛି ମାଗିନି କିମ୍ବା ଚୋରି କରିବାର ମୁଁ ଜାଣିନି । ବାପ ଛେଉଣ୍ଡ ତିନି ଛୁଆଙ୍କୁ ଭଲରେ ରଖିବା ପାଇଁ ସେ ଆଉ ଚାରି ପାଞ୍ଚ ଘରେ କାମ କରୁଥିଲା । ଦିନେ କାନ୍ଦି କାନ୍ଦି ଆସି କହିଲା, "ମା' ମୁଁ ଭୁବନେଶ୍ୱର ରେ ରହିବିନି, ଗାଁ କୁ ଚାଲିଯିବି । ଏଠାକାର ଲୋକ ଭଲ ନୁହନ୍ତି । ତା ପାଇଁ କିଛି ବ୍ୟବସ୍ଥା କରିବାକୁ ମିଷ୍ଟରଙ୍କୁ କହିଥିଲି । ଗଙ୍ଗା ତା' ଗାଁ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରହିଲା । ଗାଁ କୁ ଗଲା ଦିନ ସେ କହିଥିଲା ମା" ସେ ବାବୁଙ୍କ ଯୋଗୁଁ ମୁଁ ସମସ୍ତଙ୍କୁ ଖରାପ ଭାବିଥିଲି କିନ୍ତୁ ଆମ ଏ ବାବୁଙ୍କ ପାଇଁ ଧାରଣା ବଦଳି ଗଲା । ସବୁ ଯାଗାରେ ଭଲ ମନ୍ଦ ଲୋକ ଅଛନ୍ତି ।

ଗଙ୍ଗା ଗଲାପରେ ସରସ୍ୱତୀ ଆସିଲା । ପାଖ ଆପଟମଏଣ୍ଟ ରେ ସେ ଆଠ ଦଶ ଘରେ କାମ କରେ । ଯେଉଁ ଘରେ ରହୁଥିଲା ସେ ମାଲିକ ତାକୁ ଘର ଛାଡ଼ିବାକୁ କହିଥିବାରୁ ସେ ଆମଘରେ ରହି ଅନ୍ୟଘର ସହିତ ଆମଘର କାମ କରିବା ବୋଲି ଠିକ ହେଲା । ଦୁଇଟି ଛୁଆକୁ ଧରି ସ୍ୱାମୀ ପରିତକ୍ତା ସରସ୍ୱତୀ ଆସି ରହିଲା । କାମରେ ବିଚକ୍ଷଣ ହାତରୁ କାମ ଛଡେଇ ନେଇ କାମ କରିଦିଏ ।

ସବୁ ଗୁଣ ଭଲ ହେଲେ ତାର ଚରିତ୍ର ଦୋଷ ଥିବାର ମୋ କାନକୁ ଆସିଲା । ତଥାପି କାମପାଇଁ ବାଧ ହୋଇ ତାକୁ ରଖିଥିଲୁ । କିନ୍ତୁ କିଛି ଦିନ ପରେ ସେ ଆମପାଖ ଘରେ ରହୁଥିବା ରାନ୍ଧୁଣିଆ ସହିତ ପଳେଇଲା ।

ଶେଷରେ ଆସିଲା ଯମୁନା । ସ୍ୱାମୀ ତା'ର ରାଜମିସ୍ତ୍ରୀ । ଚଳଣି ଭଲ କିନ୍ତୁ ଯମୁନା ଥିଲା ଭାରି ଲୋଭୀ ଏବଂ ଟିକେ ହାତ ଉଠାପଣ । ଟିକେ କ'ଣ ଅଧିକା କରିଦେଲେ ପଇସା ନେବ । ଠିକା ଚାକରାଣୀ ନ ରଖିଲେ ରାଜଧାନୀ ରେ ଏ ବ୍ୟସ୍ତ ଜୀବନ ଭିତରେ ଏକୁଟିଆ କାମ କରିବା ସମ୍ଭବପର ନୁହେଁ ବୋଲି ବାଧ ହୋଇ ରଖିବାକୁ ପଡୁଛି । ଗଙ୍ଗା, ଯମୁନା, ସରସ୍ୱତୀଙ୍କ ଭଳି ଠିକା ଚାକରାଣୀ ମାନଙ୍କ ସ୍ୱଭାବ , ସେମାନଙ୍କ ମନନେଇ ରାଜଧାନୀରେ ଚଳିବାକୁ ବାଧ ନହେଲେ ଚଳି ପାରିବନି ।

ଗ୍ୟାରେଜ୍ ଛକ, ଓଲ୍ଡ୍ ଟାଉନ୍,
ଭୁବନେଶ୍ୱର
ମୋ - ୯୯୩୭୯୨୩୬୦୬

■■■



# ଭିଡ଼

**ଗଗନ ବିହାରୀ ନାୟକ**

ବ୍ୟସ୍ତ ବହୁଳ ସହର । ଲୋକମାନଙ୍କର ଯାତାୟାତ ଗାଡ଼ି ଧୂଆଁ ଭିତରେ ଅଣନିଶ୍ୱାସୀ ସହରବାସୀ । ତା ଉପରେ ଡିଜେ ବଜେଇ ଶବ୍ଦ ପ୍ରଦୂଷଣ ଯେତିକି, ବାଣ ଫୁଟାଇ ବାୟୁ ପ୍ରଦୂଷଣ ସେତିକି, କିଏ ଟିକିଏ ବୁଝନ୍ତି ନାହିଁ । ସମସ୍ତେ ନିଜ ନିଜ ଗୁଣ ଗାରୀମାରେ ଅଟଳ । ବେଶୀ ବାଣ ଫୁଟାଇ କି ଉଚ୍ଚ ଶବ୍ଦରେ ପ୍ରକମ୍ପିତ ବାଦ୍ୟ ଯନ୍ତ୍ର ବଜେଇ, ନିଜ ପ୍ରତିପତ୍ତି ଦେଖେଇ ହେବା ଲୋକେ ଯେ, କେତେ ସ୍ୱେଚ୍ଛେଚାରୀ ତାହା ଅନୁମେୟ । ଆମେ ଶିକ୍ଷିତ ଓ ସଭ୍ୟ ହେଇ ନିଜ ପରିବେଷ୍ଟନିର କେତେ ଉପକାରୀ ବନ୍ଧୁ ତାର ଉତ୍ତର ଆମେ ନିଜେ । ତେଣୁ ନିଜେ ନିଜକୁ ସଚେତନ ରହିବାକୁ ସଭ୍ୟ ସମାଜ କୁହାଯିବ ସିନା ନଚେତ୍ ଆମେ ସତରେ କଣ ସଭ୍ୟ ବୋଲି ଦାବିଦାର ହେଇ ପାରିବା ?

ଏମିତି ଗୁଡ଼ିଏ ଯୁକ୍ତିକୁ ନେଇ ହିସାବ ନିକାସ ମନେ ମନେ କରୁଥିଲେ ବିକାଶ ବାବୁ । ପତ୍ନୀ ଚା ' କପେ ଧରେଇ ଦେଇ ଯାଉ ଯାଉ ପଚାରିଦେଲେ - ଆଜି ତୁମର ଫେରିବା ଏତେ ଡେରି ହେଲାଯେ ?

ବିକାଶ ସଫେଇ ଦେଇ କହିଲେ, ଏଇ ଦେଖୁନ ଲୋକେ ଚାରି ଚକିଆ ଯାନ ଏତେ କିଣି ଛନ୍ତିଯେ, ସେ ଦୁଇ ଚକିଆ ବାହନ ପାଇଁ ଟିକିଏ ରାସ୍ତା ନ ଦେଇ, ବାମ ପଟ ଭୁଲ ରାସ୍ତାରେ ପାର୍କିଂ କରି ଦେଇଥାନ୍ତି । ସେଇ ମୁଣ୍ଡ ବିନ୍ଧାର କାରଣ । ତାପରେ ଆଜି କାଲି କୋଉ ମାଲିକମାନେ ଗାଡ଼ି ଚଲାଉନାହାନ୍ତି । ସବୁ ଚାକିରିଆ ଡ୍ରାଇଭର ରଖିଛନ୍ତି । ଆଉ ସେଇ ଡ୍ରାଇଭରମାନେ ମାଲିକ ଗାଡ଼ି ଧରି ଏମିତି ଚଲାନ୍ତି ଯେ, ସେମାନେ ଟ୍ରାଫିକ ଛକ ମାନଙ୍କରେ ବାମ ପଟେ ଯିବାକୁ ଦେଇଥିବା ନୀଳ ତୀର ଚିହ୍ନକୁ ଦେଖିକି ବି ସମ୍ପୂର୍ଣ ଜାମ୍ କରି ଦିଅନ୍ତି । ଦୁଇ ଚକିଆ ଯିବା ମୁସ୍କିଲ । କହିଲେ ଦୋଷ, ଉଚ୍ଚ ଶବ୍ଦର ହର୍ଣ୍ଣ ମାରିଲେ ଭୁଲ । ସେମାନେ ନିଜ ଭୁଲ ଜାଣି ସୁଦ୍ଧା ଅସଭ୍ୟ ଭାଷାରେ ଓଲଟି କହିବେ ।
ପତ୍ନୀ ସରଳା କହିଲେ - କାଇଁ ତମେ କିଛି କହିଲ ନାହିଁ କି?

କଣ କହିବି, ଆଜିକାଲି ଡ୍ରାଇଭର କଣ ସଙ୍ଗତରେ ଥାଆନ୍ତି । କହିଲେ ପରା ଅଶ୍ଳୀଳ ଭାଷା ଶୁଣିବାକୁ ହେବ । ଏମିତି କଥା ହେଉ ହେଉ ପହଞ୍ଚିଲେ ବିକାଶ ବାବୁଙ୍କ ଶଳା ସଞ୍ଜୟ।

ସରଳା ଦେବୀ ଭାଇଙ୍କୁ ଦେଖି, କିଛି ଖାଇବା ଆଣୁ ଥିବା ଦେଖି, ବିକାଶ କହିଲେ - ଦି'ଦି ଥାଉ । ମୁଁ ମେଡ଼ିକାଲ ରୁ ସିଧା ଏଠିକି ଆସିଚି । ହାତ ଗୋଡ ଧୋଇନି ।

ଆଶ୍ଚର୍ଯ୍ୟ ହୋଇ କଥା କଣ ପଚାରିଲେ ବିକାଶ ବାବୁ ଓ ପତ୍ନୀ ସରଳା ଦେବୀ !

ସଞ୍ଜୟ କହୁଥିଲେ - ହଠାତ୍ ଆମ ପଡୋଶୀ ସାଙ୍ଗ ଆଜି ଅସୁସ୍ଥ ହେଇ ପଡ଼ିଲା ।

ସେ କିଏ ???ବୋଲି ପଚାରିଲେ ସ୍ୱାମୀ ସ୍ତ୍ରୀ ଦୁହେଁ ?

ଶରତ କୁ ତୁମେ ଚିହ୍ନିନ ଯିଏ ଟ୍ରାଭେଲ ଗାଡ଼ି ଚଲାଏ । ସେଇ ଗାଡ଼ିରେ ପରା ତୁମେ କେତେ ଥର ତୀର୍ଥ ସ୍ଥାନ ଯାଇଛ ।

ଆରେ ହଁ ! ସେ, ସେମିତି ବି ଗାଡ଼ିଟା ଟ୍ରାଫିକ ବାମ ପାଖ ମୋଡରେ ଗାଡ଼ି ଜାମ କରି ରଖିବା ଦେଖି ତା ' ଗାଡ଼ିରେ ଯିବା ଆସିବା ବନ୍ଦ କଲି ।

ସେଇ, ନିଜେ ଆଜି ତା ଦେହ ଭୀଷଣ ଅସୁସ୍ଥ ହେଲା । ମେଡିକାଲ ନେଇ ଯାଉ ଥିଲୁ ଭିଡ ଭିତରେ ଆମ୍ବୁଲାନ୍ସ ଏମିତି ଫସିଗଲା ଯେ, ବାହାରିବା ମୁସ୍କିଲ ହେଇଗଲା । ଦୁଇ ତିନି ଜାଗା ଟ୍ରାଫିକ କ୍ଲିଅର୍ ହେଲା ବେଳକୁ ମେଡିକାଲ ପହଞ୍ଚିବା ଡେରି ହୋଇ ଯାଇଥିଲା । ତଥାପି ଡାକ୍ତରଙ୍କୁ କହି ଆଇସିୟୁ ରେ ରଖିଦେଇ ଆସିଛୁ ।


ବିକାଶ ଓ ତାଙ୍କ ପତ୍ନୀ ଦୁହେଁ ଦୁହିଁଙ୍କୁ ଚାହିଁ ଭାବୁଥିଲେ - ଶରତ ନିଜେ ଯଦି ଟ୍ରାଫିକ ନିୟମ ମାନେନି, ତା' ବେଳକୁ କେମିତି ଟ୍ରାଫିକ କ୍ଲିଅର  ରହିବ ବୋଲି ଆମେ ଭାବିବା ।

ଏମିତି ଭିଡ ଧୂଆଁ ଭିତରେ ଅନେକ ଜୀବନ ହଜି ଯାଏ ଅକ୍ଲେଶରେ...। ନିଜେ ଯଦି ଅନୁଶାସିତ ଓ ଶୃଙ୍ଖଳିତ ତେବେ ଅନୁଶାସନ ସୁଫଳ ନିଶ୍ଚିତ ମିଳିବ ।

ହାତରେ ଧରିଥିବା ଚା କପ୍ ଟି କ୍ରମଶଃ ଥଣ୍ଡା ହେଇ ଆସୁଥିଲା ।

■■■

ନିଳାଦ୍ରୀ ବିହାର ଭୁବନେଶ୍ୱର
ଫୋନ୍ ନଂ – ୭୨୦୫୨୯୩୮୫୭




ବସନ୍ତ ମାଝିଙ୍କର ପ୍ରବନ୍ଧ ସଂକଳନ
"ବିଦଗ୍ଧ ଅନୁଶୀଳନ"

ଇ-ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

## ଧାରାବାହିକ



# ଯୋଗୀ -୧

ମୀନୁ ହୋତା

ସେ ଥିଲେ ଜଣେ ଯୁବ ତପସ୍ୱୀ। ପ୍ରଚଣ୍ଡ ବିଦ୍ୱତ୍ତା ସହିତ ତପଃସିଦ୍ଧିର ତେଜ ତାଙ୍କ ସମଗ୍ର ବ୍ୟକ୍ତିତ୍ୱ କୁ ପ୍ରଖର କରୁଥିଲା ତଥାପି ଯୁବସୁଲଭ ଉଦ୍ଦାମତା ସେ ପର୍ଯ୍ୟନ୍ତ ତାଙ୍କ ମନରୁ ସଂପୂର୍ଣ୍ଣ ରୂପେ ତିରୋଭାବ ହୋଇ ନଥିଲା । ପଥରେ ଆସୁ ଆସୁ ଜଣେ ବୟୋବୃଦ୍ଧ ପଣ୍ଡିତଙ୍କୁ ତର୍କଶାସ୍ତ୍ରରେ ପରାସ୍ତ କରିବା ପାଇଁ ସେ ବ୍ୟସ୍ତ ଥିଲେ । ହଠାତ୍ ଜଣେ ପଥଚାରୀ ପଶ୍ଚାତ୍ ଭାଗରୁ ତାଙ୍କୁ ଭର୍ତ୍ସନା କରି କହିଲେ -

"ହେ ଅର୍ବାଚୀନ ଯୁବକ ! ତୁମେ ତୁମର ରସନା ସଂଯତ କରିବା କେବେ ଶିଖିବ?"

ବାକ୍ ଯୁଦ୍ଧ ହଠାତ୍ ଯେମିତି ଥମିଗଲା। ଚମକି ଉଠି ଯୁବ ଯୋଗୀ ପଛପଟକୁ ଅନାଇଲେ । ତାଙ୍କ ପଛରେ ଛିଡା ହୋଇଥିଲେ ତାଙ୍କର ମାର୍ଗଦର୍ଶକ ଅତି ଆପଣାର ଗୁରୁଦେବ । ଯୁବତପସ୍ୱୀ ଲଜ୍ଜିତ ଓ ବିନମ୍ର ଭାବରେ ଉତ୍ତର ଦେଲେ - ଗୁରୁଦେବ ! ଏଇ ମୁହୂର୍ତ୍ତ ରୁ ମୁଁ ନିଜର ଜିହ୍ୱା ଉପରେ ନିୟନ୍ତ୍ରଣ କଲି । " ସେହିଦିନଠାରୁ ସେ ଆଜିବନ ପର୍ଯ୍ୟନ୍ତ ମୌନବ୍ରତ ଧାରଣ କଲେ ଏବଂ ସଦାଶିବ ମୁନି ନାମରେ ସର୍ବତ୍ର ପରିଚିତ ହେଲେ।

ସଦାଶିବ ମୁନି ଥିଲେ ଜଣେ ପୂର୍ଣ୍ଣ ବ୍ରହ୍ମଜ୍ଞାନୀ ଏବଂ ସିଦ୍ଧ ପୁରୁଷ । ପରମାତ୍ମାଙ୍କ ଧ୍ୟାନରେ ସେ ଏତେ ତଲ୍ଲୀନ ରହୁଥିଲେ ଯେ ମାସାଧିକ କାଳ ସେ ସେଠାରୁ ଉଠୁ ନଥିଲେ । କାବେରୀ ନଦୀ କୂଳରେ ସମାଧିସ୍ଥ ଥିବା ସମୟରେ ଥରେ ନଦୀରେ ବନ୍ୟା ଆସିବା ଫଳରେ ସେ ବନ୍ୟା ସୁଅରେ କୁଆଡେ ଭାସିଗଲେ । ଗ୍ରାମବାସୀ ଭାବିଲେ ସେ ହୁଏତ ପାଣିରେ ବୁଡି କୁଆଡେ ମରି ହଜି ଯାଇଥିବେ । ଅନେକ ସପ୍ତାହ ପରେ କୋଏମ୍ବାଟୁର ଜିଲ୍ଲାର କୋଡୁମୁଡି ନାମକ ସ୍ଥାନ ନିକଟରେ କିଛି ଶ୍ରମିକ ଏକ ମାଟିଗଦାକୁ ଖୋଳୁଥିବା ସମୟରେ କୋଦାଳମୁନ ବାଜି ହଠାତ୍ ସେ ସମ୍ବିତ ଫେରି ପାଇଲେ । ମାଟିଗଦାର ବହୁ ଗଭୀରତାରୁ ଉଠି ସେ ତରତର ହୋଇ ସେଠୁ ବାହାରି ପଳାଇଲେ ।

ସଦାଶିବମୁନିଙ୍କ ଗୁରୁ ଥିଲେ ସ୍ୱାମୀ ପରମ ଶିବେନ୍ଦ୍ର ସରସ୍ୱତୀ । ଗୁରୁ ସଦାଶିବଙ୍କୁ ପୁତ୍ରବତ୍ ସ୍ନେହ କରୁଥିଲେ । କାରଣ ସଦାଶିବ ଅତ୍ୟନ୍ତ ନିର୍ଦ୍ଦୋଷ, ସରଳ ତଥା ନିରୀହ ଥିଲେ। ଭଗବାନଙ୍କ ପ୍ରେମରେ ସେ ଏତେ ଭୋଳ ରହୁଥିଲେ ଯେ କେବେ କେବେ ଲୁଗା ପିନ୍ଧୁ ନଥିଲେ । ଅନେକ ସମୟରେ ପ୍ରେମୋନ୍ମାଦ ସମୟରେ ସେ ରାସ୍ତାଘାଟରେ ପାଗଳଙ୍କ ପରି ନାଚୁଥିଲେ । ଥରେ ଦଳେ ଗ୍ରାମବାସୀ ତାଙ୍କ ବିରୁଦ୍ଧରେ ଯାଇ ଗୁରୁ ଜୟେନ୍ଦ୍ର ସରସ୍ୱତୀଙ୍କ ନିକଟରେ ଅଭିଯୋଗ କଲେ କି ସଦାଶିବ ଟା ପୂରାପୁରି ପାଗଳ ହୋଇଗଲାଣି ।

ଗୁରୁ ସହାସ୍ୟ ବଦନରେ କହିଲେ - "ଆହା ! ସେହିପରି ପାଗଳାମୀ ଅନ୍ୟମାନଙ୍କର ଥାଆନ୍ତା କି?"

ସଦାଶିବ ଥରେ ସମାଧିସ୍ଥ ଅବସ୍ଥାରେ ଚାଲୁ ଚାଲୁ ରାତିରେ ଯାଇ ଜଣେ ଗୃହସ୍ଥଙ୍କ ଖମାର ଘର ନିକଟରେ ପହଞ୍ଚିଲେ । ସେଠାରେ ଖମାର ଘରକୁ ଜଗି ରହିଥିବା ଚାରିଜଣ ଭୃତ୍ୟ ସଦାଶିବଙ୍କୁ ଚୋର ଭାବି ନିଜ ନିଜର ଠେଙ୍ଗା ଉଠାଇ ତାଙ୍କୁ ପିଟିବା ପାଇଁ ଆଗେଇ ଆସିଲେ । କିନ୍ତୁ ନିଜ ଭୃତ୍ୟର ରକ୍ଷା ପାଇଁ ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେମାନଙ୍କର ବାହୁଗୁଡିକ ଅଚଳ ହୋଇଗଲା । ସକାଳ ହେବା ପର୍ଯ୍ୟନ୍ତ ସେମାନେ ସେଠାରେ ସେମିତି ଠେଙ୍ଗା ଉଠାଇ ରହିଗଲେ । ସଦାଶିବ ସେଠାରୁ ପ୍ରସ୍ଥାନ କରିବା ପରେ ସେମାନେ ପୂର୍ବ ଅବସ୍ଥାକୁ ଫେରିଆସିଲେ।

ଥରେ ସଦାଶିବ ରାସ୍ତାରେ କୁଆଡେ ଚାଲି ଚାଲି ଯାଉଥିଲେ। ତାଙ୍କ ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ଥିଲା। ସେ କଥା କହୁ ନ ଥିବାରୁ ଜଣେ କୁଲି ସର୍ଦ୍ଦାର ତାଙ୍କୁ ବୋକା ଭାବି ତାଙ୍କୁ କାଠ ବୋହିବା କାମରେ ଲଗାଇଲା ଏବଂ ଏକ ବିରାଟ କାଠବୋଝ ଆଣି ତାଙ୍କ ମୁଣ୍ଡରେ ଲଦିଦେଲା । ସଦାଶିବ କାଠବୋଝ ଟାକୁ ବୋହିଆଣି କାଠ ଗଦାର

ଶୀର୍ଷରେ ଥୋଇବା ମାତ୍ରେ କାଠଗଦାରେ ହଠାତ୍ ନିଆଁ ଲାଗି ସଂପୂର୍ଣ୍ଣ କାଠଗଦାଟି ପୋଡି ପାଉଁଶ ହୋଇଗଲା। ଭଗବାନଙ୍କ ନିର୍ଦ୍ଦୋଷ ସନ୍ତାନଙ୍କୁ କେହି ଏମିତି ହଇରାଣ କଲେ ଭଗବାନ ନିଶ୍ଚୟ ତାର ଉଚିତ ଦଣ୍ଡବିଧାନ କରନ୍ତି।

ଈଶ୍ୱର ପ୍ରେମରେ ଭୋଳ ସଦାଶିବ ମୁନି ପ୍ରାୟତଃ ଉଲଗ୍ନ ରହୁଥିଲେ । ଥରେ ବୁଲୁବୁଲୁ ସେ ଉଲଗ୍ନ ଅବସ୍ଥାରେ ଏକ ମୁସଲମାନ ଦମ୍ପତିଙ୍କ ତମ୍ବୁ ଭିତରକୁ ପଶିଗଲେ । ତାଙ୍କୁ ଏପରି ଅବସ୍ଥାରେ ହଠାତ୍ ତମ୍ବୁ ଭିତରକୁ ପଶିଆସିବା ଦେଖି ସେଠାରେ ଉପସ୍ଥିତ ଦୁଇଜଣ ମହିଳା ଭୟରେ ଚିତ୍କାର କରି ଉଠିଲେ । ତାଙ୍କ ଚିତ୍କାର ଶୁଣି ଦଳପତି ଜଣକ ଏକ ଖଣ୍ଡାରେ ସଦାଶିବଙ୍କୁ ଆକ୍ରମଣ କରିବାରୁ ତାଙ୍କର ଏକ ବାହୁ ଛିଣ୍ଡିଯାଇ ତଳେ ପଡ଼ିଗଲା। କ୍ଷତାକ୍ତ ବାହୁରୁ ପ୍ରବଳ ରକ୍ତସ୍ରାବ ହେଲା କିନ୍ତୁ ପ୍ରେମୋନ୍ମତ୍ତ ସଦାଶିବଙ୍କୁ ଏହାର କିଛି ପ୍ରଭାବ ପଡିଲାନାହିଁ । ସେ ନିର୍ଲିପ୍ତ ଭାବରେ ସେଠୁ ପ୍ରସ୍ଥାନ କଲେ । ଏ ଘଟଣା ଦେଖି ଯୋଦ୍ଧା ଜଣକ ବିଚଳିତ ହୋଇଗଲେ। ସେ ଅନୁତପ୍ତ ହୋଇ ରକ୍ତାକ୍ତ ବାହୁଟିକୁ ତଳୁ ଗୋଟାଇ ଯୋଗୀଙ୍କ ପଛେ ପଛେ ଯାଇ ତାଙ୍କୁ ଛିନ୍ନ ବାହୁଟିକୁ ଫେରାଇଦେଲେ ଏବଂ ଅନୁତାପ କରି ସେ ଯୋଗୀଙ୍କ ପାଖରେ କ୍ଷମାଭିକ୍ଷା କଲେ । ଯୋଗୀ ସଦାଶିବ ନିର୍ବିକାର ଭାବରେ ତାଙ୍କ ହାତରୁ ଛିନ୍ନ ବାହୁଟିକୁ ନେଇ ରକ୍ତଧାର ବୋହୁଥିବା କ୍ଷତ ଜାଗାରେ ଯୋଡିଦେଲେ ଏବଂ ତାଙ୍କ ବାହୁଟି ତତକ୍ଷଣାତ୍ ପୂର୍ବପରି ସଂପୂର୍ଣ୍ଣ ସୁସ୍ଥ ହୋଇଗଲା ସତେ ଯେମିତି କିଛି ଘଟି ନଥିଲା । ଏ ଘଟଣା ଦେଖି ଭୟରେ ଦଳପତି ଯୋଗୀଙ୍କର ଶରଣାପନ୍ନ ହୋଇ ସେଠାରୁ ପଳାୟନ କଲା।

ସଦାଶିବ ମୁନି ଆକାଶ ଗମନ ବିଦ୍ୟାରେ ସିଦ୍ଧିଲାଭ କରିଥିଲେ । ସେ ଚାହିଁଲେ ଇଚ୍ଛା ମାତ୍ରକେ ଯେ କୌଣସି ସ୍ଥାନରେ ଯାଇ ସାଂଗେ ସାଂଗେ ଉପସ୍ଥିତ ହୋଇପାରୁଥିଲେ । କିନ୍ତୁ ନିଜର ଏହି ଅଲୌକିକ ସିଦ୍ଧିକୁ ସେ କୌଣସି ତୁଚ୍ଛ କାମରେ ଲଗାଉ ନଥିଲେ । ଛୋଟ ଛୋଟ ପିଲାମାନଙ୍କୁ ସେ ଖୁବ୍ ଭଲପାଉଥିବାରୁ ପିଲାମାନେ ସର୍ବଦା ତାଙ୍କୁ ଘେରି ରହୁଥିଲେ । ସେ ନିଜେ ବି ମାନସିକ ସ୍ତରରେ ଛୋଟ ଶିଶୁଟିଏ ଥିଲେ । ଥରେ ମଦୁରାଠାରେ ଏକ ମେଳା ହେଉଥିଲା ଏବଂ ତାହା ତାଙ୍କ ଗାଁ ଠାରୁ ୧୫୦ମାଇଲ ଦୂରରେ ଥିଲା । ଗାଁର ଛୋଟ ଛୋଟ ପିଲାମାନେ ସଦାଶିବଙ୍କୁ ମେଳା ବୁଲାଇ ଦେଖାଇବା ପାଇଁ ଅନୁରୋଧ କଲେ । ଯୋଗୀ ଆନନ୍ଦରେ ସେମାନଙ୍କୁ କହିଲେ - "ତମେମାନେ ସମସ୍ତେ ମୋ ଚାରିପଟେ ଘେରିଯାଅ ଏବଂ ମୋ ଦେହକୁ ସ୍ପର୍ଶ କର ।"

ଯୋଗୀଙ୍କ କଥାମାନ ସମସ୍ତେ ତାଙ୍କୁ ଘେରି ତାଙ୍କ ଦେହକୁ ଛୁଇଁବା ମାତ୍ରେ ଆଖି ପିଛୁଳାକେ ସମସ୍ତେ ଯାଇ ମେଳା ସ୍ଥାନରେ ପହଞ୍ଚି ଯାଇଥିଲେ । ସମସ୍ତେ ଖୁସିରେ ମେଳା ବୁଲି ଦେଖିଲେ । ମିଠା କିଣି ଖାଇଲେ ଏବଂ କିଛି ମିଠା ଘର ଲୋକଙ୍କ ପାଇଁ ମଧ୍ୟ କିଣିଲେ ଏବଂ ପୁଣି ଯୋଗୀଙ୍କ ଦେହକୁ ଛୁଇଁବା ମାତ୍ରେ ଘରକୁ ଫେରିଆସିଲେ। ଘର ଲୋକେ ସେମାନଙ୍କର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଅବିଶ୍ୱାସ କରିବାର ପ୍ରଶ୍ନ ମଧ୍ୟ ନଥିଲା । କାରଣ ପିଲାମାନେ ମେଳାର ସଂପୂର୍ଣ୍ଣ ବିବରଣୀ ବର୍ଣ୍ଣନା କରିବା ସହ ସାଂଗରେ ନେଇଆସିଥିବା ମିଠାଇ ପୁଡିଆମାନ ଦେଖାଇଲେ।

ଗାଁ ର ଜଣେ ଯୁବକ କିନ୍ତୁ ଏଥିରେ ସଂଦେହ ପ୍ରକାଶ କରି ଯୋଗୀଙ୍କୁ ପରୀକ୍ଷା କରିବା ପାଇଁ ସୁଯୋଗ ଅପେକ୍ଷାରେ ଥିଲା। କିଛି ଦିନପରେ ଶ୍ରୀରଙ୍ଗମ୍ ଠାରେ ଏକ ମେଳାର ଆୟୋଜନ ହେଲା। ଯୁବକ ଜଣକ ଯୋଗୀ ସଦାଶିବଙ୍କୁ ଯାଇ ମେଳା ବୁଲାଇ ଆଣିବା ପାଇଁ ଅନୁରୋଧ କଲା । ଯୋଗୀ ତାକୁ ନିଜ ଦେହକୁ ଛୁଇଁବାକୁ କହିଲେ। ଯୁବକ ଜଣକ ତାଙ୍କ ଦେହ ସ୍ପର୍ଶ କରିବା ମାତ୍ରେ ଉଭୟେ ଯାଇ ମେଳାଠାରେ ପହଞ୍ଚି ସାରିଥିଲେ। ଯୁବକ ଟି ମେଳା ବୁଲି ଦେଖିଲା । କିନ୍ତୁ ଫେରିବା ପାଇଁ ଯୋଗୀଙ୍କୁ ଖୋଜିବାରୁ ଯୋଗୀ ଆଉ ମିଳିଲେ ନାହିଁ । ଯୋଗୀଙ୍କୁ ପରୀକ୍ଷା କରିବାର ଫଳ ସ୍ୱରୂପ ତାକୁ ଅନେକ ହଇରାଣ ହେବାକୁ ପଡିଲା । ଘରଠାରୁ ଶ୍ରୀରଙ୍ଗମ୍ ର ଦୀର୍ଘ ଦୂରତାକୁ ତାକୁ ପାଦରେ ଚାଲି ଚାଲି ଅତିକ୍ରମ କରିବାକୁ ହେଲା । ଶେଷରେ କ୍ଳାନ୍ତ ଶ୍ରାନ୍ତ ହୋଇ ସେ କିଛିଦିନ ପରେ ଘରକୁ ଫେରିଲା।

ଏକମାତ୍ର ଭାରତ ହିଁ ଯୋଗୀର ଦେଶ । ଏଠାରେ ଭୋଗ ଅପେକ୍ଷା ତ୍ୟାଗକୁ ଅଧିକ ମହତ୍ତ୍ୱ ଦେବାର ପରମ୍ପରା ରହିଛି। ଦୀର୍ଘ ବର୍ଷର ତ୍ୟାଗ ଲବ୍ଧ ଯୋଗ ସିଦ୍ଧିକୁ ଏଠାରେ ଯୋଗୀ ମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି

ପାଇଁ ନ ଲଗାଇ ବିଶ୍ବର ସର୍ବାଙ୍ଗୀନ କଲ୍ୟାଣ ପାଇଁ ବିନିଯୋଗ କରନ୍ତି । ଆଜି ବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଏହା କଣ ସେହି ଭାରତ? ସେହି ଯୋଗୀର ଦେଶ?


ମନୁ, ଭରତ, ଯାଜ୍ଞବଲ୍କ୍ୟ, ଚ୍ୟବନ, ରାମକୃଷ୍ଣ ଓ ବିବେକାନନ୍ଦଙ୍କ ଦେଶ ?

ଏଠାରେ କୋଟି କୋଟି ମଠ, ଆଶ୍ରମ, ହଜାର ହଜାର ତଥା କଥିତ ଯୋଗୀ, ଓ ବାବାଜୀ, ଅଛନ୍ତି । ହେଲେ କାହିଁ କେଉଁଠି ଆଉ ଗୋଟିଏ ବୁଦ୍ଧ ତ ନାହାନ୍ତି? ଆଉ ଏକ ବର୍ଦ୍ଧମାନ ମହାବୀର ତ ସୃଷ୍ଟି ହୋଇପାରୁ ନାହାନ୍ତି ?

■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

## ଅପ୍ରେଲ ମାସରେ ପ୍ରକାଶିତ ପୁସ୍ତକ




ବିଶିଷ୍ଟ ଲେଖିକା ସୁପ୍ରିୟା ମଲ୍ଲିକଙ୍କ
"ବୈଷମ୍ୟ ବିରୋଧୀ ଅନ୍ଦୋଳନ ଓ ଦଳିତ ସାହିତ୍ୟ"

## ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦର୍
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE
## ମାଧ୍ୟମରେ ଏକ ସାକ୍ଷାତକାର୍ କାର୍ଯ୍ୟକ୍ରମ

ଆଲାପ

ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/
UCP8TIAy8I8b-SBPaJWnCLKg

# ପଦ୍ୟ ବିଭାଗ



# ମୋ ଗାଆଁ

ବିଦ୍ୟାଧର ଗୁରୁ



ଗାଆଁ ଆମ୍ବତୋଟା ଗାଆଁ ଗାଈଗୋଠ
ଆହା କେଡ଼େ ମନୋହର
ଗାଆଁର ପୋଖରୀ ଗାଆଁର ଗୋହିରି
ସତେ କେତେ ଆପଣାର ।
ପୋଖରୀ ତୋଠରେ ହୁଏ ଆଲୋଚନା
ଗାଆଁ ଦେଶ ବିଦେଶର
ଧର୍ମ-ଅଧର୍ମର ବିଚାର ହୁଅଇ
ସତେବା ନ୍ୟାୟ ମନ୍ଦିର ।
ବରଗଛ ମୂଳ ଚାନ୍ଦିନୀ ଉପରେ
ଲୋକଙ୍କ ଭିଡ଼ ଜମଇ
ସଂକ୍ରାନ୍ତି ପୁନିଅଁ ଅମାବାସ୍ୟା ଦିନ
ସଂକୀର୍ତ୍ତନ ହୋଇଥାଇ ।
ଦୋଳି ଝୁଲା ହୁଏ ବରଗଛ ଡାଳେ
ଦୋଳ ରଜ ପରବରେ
ଅଭିଆଡ଼ୀ ଝିଅ ଗାଆଁର ଯେତକ
ଖେଳନ୍ତି ମନ ଖୁସିରେ ।
ବାଦିପାଲା ଆଉ ଦୋଳ ମେଲଣରେ
ଝାଂଜ ଘଣ୍ଟ ବାଜୁଥାଇ
ଗହଳ ଚହଳ ଧାଁ-ଦଉଡ଼ରେ
ଗାଆଁ ଦାଣ୍ଡ କମ୍ପୁଥାଇ ।
ପୁଣ୍ୟ ପରବରେ ହସି ଉଠେ ଗାଆଁ
ଘରେ ଘରେ ପିଠାପଣା
ଥିଲା ନଥିଲାର ଭେଦଭାବ ନାହିଁ
ସଭିଏଁ ପରା ଆପଣା ।
ବିଦେଶୁ ଫେରନ୍ତା ଗାଆଁର ସନ୍ତାନ
ମନରେ କେତେ ଶରଧା
ଜେଜେ ବଡ଼ବାପା ମାମୁଁ ଦାଦା ଖୁଡ଼ୀ
ପାଶେ ନଇଁଯାଏ ମଥା
ଧନ୍ୟ ସେଇ ଗାଆଁ ଧନ୍ୟ ସେଇ ମାଟି
ଜନମି ଥିଲି ମୁଁ ଯହିଁ
ମାଗଇ ଆଶିଷ ଠାକୁରଙ୍କ ପାଶେ
ଜଳୁ ଚିତା ମୋର ତହିଁ ।



■■■

ୟୁନିଟ୍ -୯, ଭୁବନେଶ୍ୱର

# ଜୀଇଁବା ପାଇଁ

ଶିବପ୍ରିୟା ମିଶ୍ର



ଥାଉ,  ସେତିକି ଥାଉ
ମନ ଭୁଲାଣିଆ କଥାରେ
ସତେ କ'ଣ ମନ ବୁଝେ?
ଫଗୁଣ ଆସିବା ଆଉ
 ଫଗୁଣ ଫଗୁଣ ଲାଗିବା
ଏକା କଥା ନୁହେଁ ତ !

ସକାଳକୁ କହିସାରିଛି ସେ
ଆଉ ଶୁଣିବନି ବଇଁଶୀର ଗୀତ
ଯଦି ବା କାନରେ ବାଜେ
ଫେରେଇଦବ ପବନକୁ
ସବୁ  ମିଠା ମିଠା ଲାଗୁଥିବା
ମିଛିମିଛିକା ମିଛ ଶବ୍ଦ।

କହିଛି ମଧ୍ୟାହ୍ନକୁ ବି
କାହାର ଖୋଜାପଣରେ
ହଜିବୁନି ଆଖିବୁଜି କେବେ
ନିଜ ଡ଼ହ ଡ଼ହ ତାତିରେ ବି
ଅଛି ଜୀବନ ବୋଲି କିଛି
ବେଶ୍,ଖାଲି ଭୋଗି ଜାଣିଲେ
ହେଲା,ଆତ୍ମାଭୋଗ

ରାତିକୁ କହିଛି
ବନ୍ଦକରିଦେବୁ ଝରକା କବାଟ
ରୁନ୍ଧି ଦେବୁ ବାଟ ଯେମିତି
ସ୍ୱପ୍ନ ମାନେ ପହଁରିପାରିବେନି
ସ୍ମୃତିରେ ,ନୀଳ ନଈ ପରି ଆଖିରେ
ସ୍ୱପ୍ନମାନେ ହିଁ ଭାରି ଦୁଷ୍ଟ
ଘୁରିବୁଲନ୍ତି ଦେହରୁ ଦେହ
ଉଠାନ୍ତି ଗହୀର ନିଦରୁ
ତୃଚ୍ଛାଟାରେ କରନ୍ତି ଛଟପଟ

ଜୀବନକୁ କହିଛି ସେ
 ନିଜେ ହିଁ ନିଜର ବଞ୍ଚିବାର
ମହାମୃତ୍ୟୁଞ୍ଜୟ ମନ୍ତ୍ର
ଏମିତି ଉଚ୍ଚାରୁଥା ନିରନ୍ତର
ପଶିପାରିବନି ଅବକାଶ
କି ଅବଶୋଷ
ଜୀଇଁବା ପାଇଁ ଏତିକି ତ
ଯଥେଷ୍ଟ.......।

■■■

ସଦସ୍ୟା ଓଡ଼ିଶା ସାହିତ୍ୟ ଏକାଡେମୀ,
ଝାରସୁଗୁଡ଼ା,
ମୋ:୯୮୬୧୨୩୪୨୧୧

# ଆ...

ପ୍ରଫେସର ବୀଣାପାଣି ତ୍ରିପାଠୀ



ସେ ମୋତେ ଡାକିଲେ  ଆ'...

ଆ' ସେଇ ଗୋଟିଏ ଅକ୍ଷର
ଦିଗ ବିଦିଗରେ
ପ୍ରତିଧ୍ୱନିତ ହେଲା ଆ' ଆ'
ପ୍ରତିଧ୍ୱନିତ ହେଲା
ପାହାଡ଼ ରେ ଓ ଆକାଶରେ
ଚାରିପାଖର ସମସ୍ତ ପୃଥିବୀ
ଜାଗି ଉଠିଲେ
କମ୍ପି ଉଠିଲେ
ଏବଂ ମୁଁ ତରଳି ଗଲି
ମୋ ଚଲାପଥରେ
ବିଶାଳ ପ୍ରସ୍ତର ଛାତିର
ଏପାଖେ ରନ୍ଧ୍ର କରି
ସେ ପାଖେ ବାହାରିଲି
ଏବଂ ବୋହି ଚାଲିଲି
କୁଆଡେ ଗଲି ଜଣାନାହିଁ
ସେ ରାତ୍ରି ରହସ୍ୟମୟୀ
ସେ ସ୍ଥାନ ନିଧିବନ
ସେଠି ଷୋହଳ ସହସ୍ର ଗୋପିକା
ମୁଁ ସେମାନଙ୍କ ଘାଗରା ର ଫୁଲ
ମୟୁର ଚନ୍ଦ୍ରିକା ର ଉଜ୍ଜ୍ୱଳ ରଙ୍ଗ
ଅବା ହୋଇଗଲି ବଂଶୀ ର ଗୋଟିଏ ରନ୍ଧ୍ର



ସେ ରନ୍ଧ୍ରରେ ତାଙ୍କର ଓଠ ଛୁଇଁପାରେ
ଅବା ଆଙ୍ଗୁଳି
କିଛି ଫରକ ନାହିଁ
ମୁଁ ତ ବାଉଳା ଆ' ଡାକରେ
ସେଇ ସମ୍ମୋହନରେ କଣ ଥାଇପାରେ
ବଇଁଶୀ ର ସୁର
କିବା ତାଙ୍କ ରହସ୍ୟମୟ
ଦ୍ୱିତୀୟା ଜହ୍ନର ହସ ଧାର

କେଜାଣି  ଜଣାନାହିଁ
ମୁଁ ଯେ' ବାଉଳା ଆ ଡାକରେ ।

ମଧୁବନ, ଢେଙ୍କାନାଳ

■■■

# ସ୍ମୃତି

ମନୋରମା ମିଶ୍ର



ସ୍ମୃତି ସିଏ କେଉଁ ଦୂର ଅତୀତର
ଅଭୁଲା ସଂଗୀତଟିଏ
ସ୍ମୃତି ସିଏ କାହିଁ ଅଡୁଆ ସୂତାରୁ
ମିଳିଥିବା ସୂତା ଖିଏ ॥

ପାଷାଣ ଫାଙ୍କରେ
କେବେକେବେ ସ୍ମୃତି
ଦରହସା ଫୁଲକଢ଼ି
ଆଉ କେବେ ସିଏ ଶୁଖିଲା ଆକାଶେ
ଅଦିନ ବରଷା ଝଡ଼ି
କେଉଁଠାରେ ସ୍ମୃତି ଉଛୁଳା ତଟିନୀ
ଦୁଇକୂଳ ଛୁଇଁ ଧାଏଁ ॥



କାହାପାଇଁ ସ୍ମୃତି ଲିଭାଦୀପାଳିର
ପୁଣ୍ୟ ପବିତ୍ର ଧୂଆଁ
କୋରକିତ କେଉଁ କୁଆଁରୀ ତନୁରେ
ପ୍ରିୟର ପହିଲି ଛୁଆଁ
ବେଦନା ବିଧୁର ବିରହୀ ପ୍ରାଣରେ
ଶୀତଳ ଝରଣା ଟିଏ ॥

ପାଦଚଲା ସରୁ ଚିହ୍ନାବାଟେ ସ୍ମୃତି
କଣ୍ଟାଭରା ଏକ ଲଟା
ଯିବାଆସିବାର
ବେଳରେ ଲାଗି ସେ'
କରେ ଖାଲି ହଟହଟା
କାହାପାଇଁ ସ୍ମୃତି ନଉକା ହୋଇଲେ
କାହାକୁ ଭସାଏ ସୁଏ ॥

■■■

ନୀଳଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪

# ପଚାରିଛୁ କେବେ ?

ଅଧ୍ୟାପକ ଅଜୟ ପଟ୍ଟନାୟକ





ପଚାରିଛୁ କେବେ ତୋ ମା' କୁ
କେମିତି କରିଥିଲା ଲାଳନ ପାଳନ ତତେ ?
ତୋର ସାଢେ ତିନି କିଲୋ ଶରୀର ର ଭାର
ବୋହିଥିଲା ତାର ଜରାୟୁ ମଧ୍ୟରେ ।
ଆଉ, ତୋ ପିଠିରେ
ସାଢେ ତିନି କିଲୋ ସ୍କୁଲ ବ୍ୟାଗ୍ ଦେଖି
କେତେ ବ୍ୟଥିତ ହୋଇଥିଲା ସେ ?
କି କଷ୍ଟରେ ତୋତେ କରିଥିଲା ଭୂମିଷ୍ଠ
କିଭଳି ତୋ ଝାଡା ପରିସ୍ରାକୁ
ଚନ୍ଦନ ଭଳି ବୋଲି ହେଉଥିଲା ଅଙ୍ଗେ ।
ତୋର ପାଳନ, ଯତ୍ନ, ପରିବାରର ଦେଖାଶୁଣା
ତାର ଚାକିରୀ କ୍ଷେତ୍ରରେ, କରିଥିଲା ବୁଝାମଣା
ସହିଥିଲା ଉଲୁଗୁଣା, ଭର୍ତ୍ସନା, ତାଡନା ।
କେବେ ବୁଝିବାକୁ ଚେଷ୍ଟାକର ତା ମନକୁ
ତା କୋଳରେ ମୁଣ୍ଡ ଗୁଂଜି ଦେ ଥରେ
ତା ଦେହ ଆଉଁସି ଦେ ତୋ ହାତରେ ।
ଦେଖ, ବହିଯିବତା ଆଖିରୁ ଆନନ୍ଦାଶ୍ରୁ, ଆଶିଷ ।
ତା ପାଦ ଛୁଇଁ ଦେ ଥରେ
କରିଦେବ ସେ କରୁଣାର ବର୍ଷା
ବୁହାଇ ଦେବ ଆଶିଷର ବୈତରଣୀ
ତୋତେ ପାର କରିଦେବ ଉନ୍ମତ୍ତ ସ୍ରୋତରୁ ।
ହଟାଇ ଦେବ ବାଧାବିଘ୍ନ ପ୍ରତିବନ୍ଧକ
ଝଡ ଝଂଜା ତୋ ଜୀବନୁ ।
ମା ସେ, ଜନ୍ମଦାତ୍ରୀ ସେ
ପ୍ରବାହିତ ତୋ ଦେହେ ତା' ରକ୍ତ କଣିକା
ତା କଥା ଟିକେ ଶୁଣ
ତା ମନଟିକେ ବୁଝ
ତା ଛାତିରେ ସ୍ପନ୍ଦନ ଟିକେ ଅନୁଭବ କର ।
ସେ ଚାହେଁନା, ତୋର ଧନ
ଚାହେଁ ତୋର ସୁଖୀ ସଂସାର ।
ଶଳିତା ହୋଇ ଜଳି ତୋତେ କରିଛି ଆଲୋକିତ
ଶଳିତା ଜାଳି ସବୁଦିନେ ମଥା ପାତୁଛି
କାନି ପତାଉଛି, ହାତ ଟିକୁଛି ପ୍ରଭୁ ଙ୍କ ଆଗରେ
ଦେଖିବାକୁ, ଶୁଣିବାକୁ ତୋ ଉଜ୍ଜ୍ୱଳ ଭବିଷ ।
ତା ପାଦ ଟିକେ ଛୁଉଁଥା
ତା ମୁଣ୍ଡ ଟିକେ ଆଉଁସୁଥା
ତା ଭଲ ମନ୍ଦଟିକେ ପ ରୁଥା
ସେ ପରା ତୋ ମା, ମା, ମା

■■■

ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରୀବିହାର
ମୋ- ୯୯୩୭୫୭୯୩୫

ଇ-ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ଆକାଶ- ମହାକାଶ

ଯଶୋବନ୍ତ ସେଠୀ





ଯାହାର ଆଖିରେ ଦିନେ
ମୁଁ ସାରା ଆକାଶକୁ ଦେଖୁଥିଲି
ତାହାରି ଆଖିରେ
ମୁଁ ଏବେ ଆକାଶ
ଅପହଞ୍ଚ,ଅନନ୍ତ,ସୀମାହୀନ
କେବେ ଥଣ୍ଡା କେବେ ଉଷ୍ମ
କେବେ ପୁଣି ନାତିଶୀତୋଷ୍ଣ ।

ଆକାଶ ହେବା କିନ୍ତୁ ଏତେ ସହଜ ନୁହେଁ ।

ଯେଉଁମାନେ ସହଜ ବୋଲି ଭାବୁଛ
ଜୀବନରେ ଥରୁଟିଏ ଖାଲି
ଆକାଶ ହୋଇ ଦେଖ ।

ବେଳେ ବେଳେ ମୁଁ ବି
ଆକାଶ ଆଡକୁ ଚାହିଁ ପ୍ରଶ୍ନ ପଚାରେ
ଆକାଶ ବୋଲି କ'ଣ କିଛି ଗୋଟାଏ ଅଛି !
ଥିଲେ ମଧ୍ଯ
ସମସ୍ତଙ୍କ ଆକାଶ କ'ଣ ସମାନ !
କୋଉଠୁ ଆରମ୍ଭ ପୁଣି
କୋଉଠି ତା' ଅବସାନ !

ଆକାଶର ନିରବତା ହିଁ
ମତେ ପୁଣି ମୋ' ପ୍ରଶ୍ନର ଉତ୍ତର ଫେରାଏ ।

ଶହ ଶହ ବର୍ଷର କଠୋର ତପସ୍ୟା ବଳେ
ତାରା ପାଲଟିଯାଇଥିବା
କିଛି ପୁଣ୍ୟାତ୍ମାଙ୍କ ଘର - ଆକାଶ,
ନିଜ ଛାତିରେ ଅନ୍ୟ ପାଇଁ
ଅମାପ ଜଳ ଚାପି ଧରିଥିବା
ଶହ ଶହ ବାଧ୍ଯ ବାଦଲଙ୍କର ଘରହିଁ ଆକାଶ ,
ସାତ ସମୁଦ୍ର ତେର ନଈର
ନୀଳ ଜଳକୁ ଆଇନା ସଜେଇ
ନିଜର ପ୍ରତିବିମ୍ବକୁ ନିତି
ଭିନ୍ନ ଭିନ୍ନ ରୂପରେ ଦେଖୁଥିବା
ବିରହୀ ପ୍ରେମିକଟିଏ ହିଁ ଆକାଶ,
ଶ୍ରାବଣ ହେଉ ଅବା ଫଗୁଣରେ
ତାହାରି ଦେହରୁ ଝରୁଥିବା ଲୁହକୁ ମଧ୍ଯ
ନିଜର ବୋଲି କହିପାରୁନଥିବା
ବାଧ୍ଯ ଚକ୍ଷୁଟିଏ ହିଁ ଆକାଶ ।

ତା' ଆଖିରେ ମୁଁ ସିନା ସୀମାହୀନ ଆକାଶ
ସେ କିନ୍ତୁ ଜାଣେନାହିଁ
ମତେ ଆକାଶ ଭାବି
ମୋ' ପାଇଁ ଶତ ଆହା ଚୁ ଚୁ
ଅଜାଡି ଦେଉଥିବା
ସେ ନିଜେ ମୋ' ପାଇଁ
ଚିରଦିନ ମହାକାଶ ।

■■■

୩ ଆର୍/ ୨ , ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବନେଶ୍ୱର

# ପ୍ରଶ୍ନବାଚୀ

ଯଜ୍ଞଦତ୍ତ ସାମନ୍ତରାୟ





ପ୍ରିୟା ମୋର ମାଗିଥିଲା
ବହୁ କିଛି
ଦେଇଥିଲି ମୁଁ ସବୁକିଛି ।
ମୁଁ କ'ଣ ଦେଲି
ସେ ଅବା କ'ଣ ନେଲା
ତାହା ମୁଁ ଜାଣିନି
ସବୁ କିଛି ରହିଗଲା
ଗୋଟିଏ ପ୍ରଶ୍ନବାଚୀ ରେ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ସ୍ତ୍ରୀ ଟିଏ

ସୁଧାଂଶୁ ଶେଖର ଦ୍ୱିବେଦୀ



ଜନ୍ମ ନିଏ ଧରାରେ
କିନ୍ତୁ ନିଜକୁ ଖୋଜିବାରେ
ଆଜନ୍ମ ଲଗେଇଦିଏ ।
ଏକ ମୁକ୍ତ ଆକାଶର ଇଚ୍ଛାରେ
କେଜାଣି କେତେ ପାହାଡ଼ ଲଘିଁଯାଏ !
ବନ୍ଦ ହୋଇଥିବା ମୁଠିରେ
ଲକ୍ଷେ ସ୍ୱପ୍ନ ସମ୍ଭାଳି ରଖିଥାଏ ।
ସ୍ୱଜନଙ୍କ ଉତ୍କର୍ଷ ମାର୍ଗରେ
ନିଜ ମନୋକାମନା ବିଛେଇଦିଏ ।
ସଙ୍ଘର୍ଷ ଓ ଆପତ୍ତିରୁ ଲମ୍ଫ ମାରି
ସମ୍ବେଦନାର ସାଗରରେ ବୁଡିଯାଏ ।
ସେ ଜାଣେ...
ସ୍ତ୍ରୀ ହେବା ଏତେ ସହଜ ନୁହେଁ
କିନ୍ତୁ ନିଜ ସ୍ତ୍ରୀତ୍ୱ ଉପରେ
ଗର୍ବ କରିବାକୁ ଚାହେଁ ।



■ ■ ■

ବିସି-୭୪, ସଲ୍ଟଲେକ୍, କଲିକତା -୬୪
ମୋ-୯୬୮୧୩୭୩୫୧୨

ଇ-ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ଷ୍ଟେସନ୍ ପାଖ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ନିତି କୋଳାହଳ ଏଠି
ଦଳ ଦଳ ଲୋକଙ୍କର
ମୁକ୍ତ ଆକାଶ,
ସମତଳ ଭୂମି
ଘର, ଅଗଣା ଆଉ
ପରିବାର ।

ଏଠି ଖେଳଘର
ଦୋକାନ ବଜାର
ସକାଳ ଓ ସଞ୍ଜରେ
ନିଆଁ ଜଳେ ହୁତୁ ହୁତୁ
ନୁହେଁ ଦାବି, ପ୍ରତିବାଦ
ଜଳ ଅବା ସଂଘର ।
ଏମାନଙ୍କ ଇସ୍ତାହାର
ପ୍ରତିଶ୍ରୁତି ନା ଯୋଜନାର
ଅପହଞ୍ଚ ଇଲାକାରେ
ଏମାନେ ଖାଲି
ଷ୍ଟେସନ୍ ପାଖରେ
ଅଦଳ ବଦଳ ।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୨୭୫୫୨

# ନିମନ୍ତ୍ରଣ

ଶର୍ମିଷ୍ଠା ମିଶ୍ର



ମୋ ପାଇଁ ହୁଏ
କେତେ ଅତିଥି ଙ୍କ ଆଗମନ
ମୋ ଭାଗ୍ୟେ ଅଛି ଖାଲି
ସମ୍ମାନ ଆଉ ସମ୍ମାନ
ପ୍ରତ୍ୟେକ କାର୍ଯ୍ୟ ରେ
ସବୁ ଡବା ଆଉ ମୁଁ ଇଞ୍ଜିନ
ନିମନ୍ତ୍ରଣ ମୋ ପାଇଁ ହୁଏ
କେତେ ଅତିଥି ଙ୍କ ଆଗମନ
ବେଳେବେଳେ କରା ହୋଇଥାଏ ନିମନ୍ତ୍ରଣ
କିନ୍ତୁ ଜାଣି ଶୁଣି ହୁଏ ବାହାନା ର କାରଣ
ଆଉ ମୁଁ ସେ ନିମନ୍ତ୍ରଣ
କଥା ଟା ସଭିଙ୍କୁ ଜଣାଇଣ
କହୁଛି ଏ ନିମନ୍ତ୍ରଣ
ପାଇଲେ ନିମନ୍ତ୍ରଣ
ଭାବିବ ନାହିଁ ଦେୟ ର କାରଣ
କି ଦେବାକୁ ପଡିବ ଉପକରଣ
ଆରେ ବାବୁ ଶୁଣ !
ମୁଁ ସେ ନିମନ୍ତ୍ରଣ !
ତୃପ୍ତ ଅନୁଭବ କରେ ଦେଖି ତୁମ ଆଗମନ
ଲୋଡ଼ା ନାହିଁ ତୁମର ସେ ଉପହାର ମାନ
ଖୁସି ହେବ ଏ ନିମନ୍ତ୍ରଣ
ତୁମ ଉପସ୍ଥିତି ଯେବେ କର ହେ ପ୍ରଦାନ
ମୁଁ ଅଟେ ତୁମର ସେ ନିମନ୍ତ୍ରଣ ।



■■■

ଭାଟିପଡ଼ା, ଟିଟିଲାଗଡ଼

# ଅନ୍ୱେଷଣ

ନିହାରିକା ରାୟ ବରାଳ



ବିଶ୍ୱାସ ଓ ଭଲପାଇବାକୁ ନେଇ
ଗଢି ଉଠେ ଯେଉଁ ସମ୍ପର୍କ
ତା ନାଁ  ବୋଧେ ପ୍ରେମ
ଯେଉଁଠି  ଅବିଶ୍ୱାସତାର ଦହନ
ପ୍ରତିଟି ନିଶ୍ୱାସରେ
ସେଠି  ଜନ୍ମ ନିଏ  ପ୍ରତାରଣା
ଯେଉଁଠି ଭୁଲବୁଝାମଣା ରେ
ଭରପୁର ଆକାଶ
ସେଠି  ସ୍ନେହ ନୁହେଁ
ଘୃଣା ର ଧୂଆଁରେ
କୁହୁଳେ ସାରା ଜୀବନ...
ସାରା ଆକାଶ,
ସାରା ପୃଥିବୀ,
ଆଉ ତା ଭିତରେ କେହି ଜଣେ
ମହମ ପରି ତରଳୁ ଥାଏ
ଜଉ ପରି  ଜଳୁଥାଏ
ତ ଶାନ୍ତି ର ଜାଗାଟିଏ ଖୋଜୁ ଥା ଏ
ନିଭୃତ କୋଣରେ ଅବା
ପଶ୍ଚାତାପର ଅର୍ଗଳିରେ...!!



■■■

ବି-୧୦, ପ୍ରତିଭା ଏନ୍‌କ୍ଳେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ସାଥୀ

**ବିଷ୍ଣୁପ୍ରିୟା ମହାପାତ୍ର**



জ
ଜୀବନର ଯାତ୍ରା ର ଆରମ୍ଭ ସମୟେ
ଭେଟିଥିଲି ଯାହାକୁ ମୁଁ , ସାଥୀ ଭାବେ
ବାଛି ଥିଲି , ବାନ୍ଧି ଥିଲି ତାକୁ ସ୍ନେହେ
ଥିଲା ପୁଣି ରାଗ,ରୁଷା କେତେ ଅଭିମାନ,
ସୃଷ୍ଟି ହୁଏ ଅଭିଯୋଗ ଫର୍ଦ ମାନ
କଥା କଟାକଟି ହୁଏ ସାରା ଦିନ ମାନ
କିନ୍ତୁ ଥାଏ ତା  ଭିତରେ  ସ୍ନେହ ଅନନ୍ତ।
ବେଳେ ବେଳେ ଭାଜି ଯାଏ ମୋର ମନ
ବ୍ୟଥିତ କରେ ହୃଦ , ମୁଁ ହୁଏ ଆନମନା
ନା, କିଛି କହିବିନି ଭାବେ ମୋର ମନ
ତଥାପି ଯେତେ ବେଳେ ଡାକିଦିଅ ତୁମେ
ଭୁଲିଯାଏ ସବୁକିଛି କ୍ଷଣିକ ଆନନ୍ଦେ ।
ଆଜି ମୋତେ ପଥେ ଏକା  ଛାଡ଼ିଦେଇ
ବାହାରିଲ ଚାନ୍ଦ ଖୋଜି,ତାରା ଖୋଜି
ନୂତନ ଏକ  ଆଶା  ପୂର୍ଣ୍ଣ ପାରାବାରେ
ଭବିତବ୍ୟ ଯାହା ତାହା ଯେ ନିଶ୍ଚିତ
ଜାଣି ମଧ ଦୁଃଖି ମୁଁ ହିଁ ହୁଅଇ ଅବଶ୍ୟ ।
ଗୁମୁରି ଉଠଇ ହିଆ ନିରାଶାର ଭାବେ
ଏକାକୀ ଚାଲିବାକୁ ପଡିବ ଯେ ମୋତେ
ଭାବି ଭାବି ଭରିଯାଏ ଆଖି ଲୁହେ
ପ୍ରଥମ  ଭାବ ଯେ ପ୍ରଥମ ରହିବ
ତାହା ହେଲେ କେବେ ନ ବଦଳିବ ।
ନିରାଜନା କରେ ପ୍ରଭୁଙ୍କ ପୟରେ
ଚଲାପଥ କୁସୁମିତ ତବ ହେଉ
ଏ ମାୟା ସଂସାରେ
ଆଶା ଯାହା  ପ୍ରାପ୍ତ ସବୁ
ହେଉ ତୁମକୁ ଅଚିରେ।



■■■

ଅଧ୍ୟାପିକା, ଓଡ଼ିଆ ବିଭାଗ
ମହିମା ମହାବିଦ୍ୟାଳୟ, ଜୋରନ୍ଦା,ଢେଙ୍କାନାଳ
ମୋ: ୭୩୭୭୧୯୭୮୬୭

# ଆମେ ଓଡ଼ିଆ

**ବିଷ୍ଣୁପ୍ରିୟା ମିଶ୍ର**



ମାଟି ମାଆ ପ୍ରୀତି ଜାଗୁ ଏ ହୃଦୟେ
ମାତୃଭାଷା ପ୍ରତି ମମତା ରହୁ
ଏଇ ମାଆ କୋଳେ ଜନମ ଲଭିଛେ
ତାଆରି କୋଳରେ ଜୀବନ ଯାଉ ।

ଆମେ ତ ଓଡ଼ିଆ, ସବୁଠୁ ବଢିଆ
ଏଇ ମାଟି ଆମ ଓଡ଼ିଶା ମାଆ
ମଧୁର,ସୁନ୍ଦର ସଂସ୍କୃତି ରେ ଭରା
ଅତି ମନ ଲୋଭା ତାଆରି ନାଆଁ ।

ଯା'ପାଣି , ପବନ ଗାଏ ମଧୁ ଗାନ
ସବୁଜ ,ସୁନ୍ଦର ପାହାଡ଼ ଲତା
କୁଳୁକୁଳୁ ନଦୀ,ଝରଣାର ଧାର
କହେ ଅବା ଆମ ଓଡ଼ିଶା ଗାଥା ।

ସଂସ୍କୃତିରେ ଭରା ଏଇ ମାଆ ମାଟି
ବାର ମାସେ ତେର ପରବ, ଯାତ
ଆମରି ଠାକୁର ବଡ଼ କଳାକାର
ଜଗତେ ପ୍ରସିଦ୍ଧ 'ଜଗତ ନାଥ' ।

ଖାଦ୍ୟ ପରମ୍ପରା ପ୍ରସିଦ୍ଧି ରହିଛି
ବଡ଼ ଦେଉଳରେ ଛପନ-ଭୋଗ
ଓଡ଼ିଆଣି କରେ କେତେ ପିଠା-ପଣା
ନ ଦେଖିଲେ ଯାହା କହି ନହେବ ।

ପଖାଳ-କଂସା ରେ ଓଡ଼ିଆଙ୍କ ମନ
ରଖେ ସେ ଗରିବ କୃଷକ ମାନ
ଶ୍ରୀ ଅଙ୍ଗରୁ ଝାଳ ବୋହିଗଲା ବେଳେ
'ଦହି ପଖାଳ'ରେ ପ୍ରଭୁଙ୍କ ମନ ।

ଓଡ଼ିଆଣି ବେଶ, ସୂତା ,ପାଟ ଲୁଗା..
ଦେଶ- ବିଦେଶରେ ପାଏ ଆଦର
ଓଡିଶୀ ସଂଗୀତ,ନୃତ୍ୟ, କଳା କୃତି
ଦେଖିଲେ ଦର୍ଶକେ ହୁଅନ୍ତି ବିଭୋର ।

ଏମାଟି ସାହିତ୍ୟ, ଜ୍ଞାନେ ଋଦ୍ଧିବନ୍ତ
ଗଉରବେ ଆମ କବି ମଣ୍ଡିତ
ଭୀମ ଭୋଇ ଗାଥା, ଭଞ୍ଜଙ୍କ କବିତା
'ପଞ୍ଚ ସଖା' କବି ସଦା ପୂଜିତ ।

ରଖିବା ସଂସ୍କୃତି, ଗୌରବ ଓ କିର୍ତ୍ତୀ
ଭୁଲି ଯିବାନି ତ ଏ ପରିଚୟ
ଦେଶ-ବିଦେଶରେ ରହିଲେ କହିବା
ଆମେ ଅଟୁ ସର୍ବେ ଉତ୍କଳୀୟ ।

■■■

ବାଙ୍ଗାଲୋର

# ଟଁଛା ପୁଛା

(କୋଶ୍‌ଲୀ କବିତା)

**ସରୋଜ କୁମାର ଶତପଥୀ**





କହୁଛେଁ ଭାଇ ମୁଇଁ ଭଣାରୀ ଦୁକାନର୍ କଥା
ଶୁନ୍‌ଲେ ଲାଗ୍‌ବା ଅଥା ବିଥା
ରଏବାର୍ ଦିନ ଆଏଲା ବେଲ୍‌କେ ଦେଖ୍‌ଲିଁ
ଭଣାରୀର୍ ଦୁକାନ ହେଇଛେ ଖାଲି
ଭାବ୍‌ଲି ବଢ଼ିଆଁ ସମିଆଁ ଆଏ ଇଟା
ମୋର୍ ବାଲ୍ ଦାଢ଼ି ଘାଏ କଟେଇ ହେସିଁ ବଏଲି ।

ମତେ ନେଇକରି ଭଣାରୀ ଟୁରା
ତାର୍ କୁର୍‌ଚି ଥି ଦେଲା ବସେଇ
ପାଏନ୍ ଝିଁଟିକରି ସୁଆଁରିଲା ମୁଡ଼୍‌କେ
ଯେନ୍ତା ଛେଲ୍ କେ' ସୁଆଁରିସି କସେଇ ।

ଧର୍‌ଲା କଏଁଚି ପନିଆଁ ଆର୍
ମୋର୍ ମୁଡ଼୍‌କେ ଦେଲା କୁରି
ତାର୍ ପରେ ଆର୍ ନାଇଁ ଚାଲ୍‌ଲା ତାର୍
କଏଁଚି ପନିଆଁ, ଚାଲ୍‌ଲା କଥାର୍ ଛୁରୀ ।

ମନ୍ ନାଇଁ ଥାଇକରି ବି ଶୁନୁଥିଲି
ମୁଇଁ ଭଣାରୀର୍ ଭଡ଼୍ ଭଡ଼୍
ନାଇଁ ଶୁନ୍‌ଲେ ଭାଏଲ୍ କାଟିଦେବା(କାନ୍) ବଲି
ମୋର୍ ଛାତି କରୁଥିଲା ଧଡ଼୍ ଧଡ଼୍ ।

ବଢ଼େ ତର୍‌ସରେ ଚାଲିଶ୍ ମିନିଟ୍ ପରେ
କାଟି ସାର୍‌ଲା ମୋର୍ ବାଲ୍
ହେତ୍‌କି ବେଲ୍‌କେ ତାର୍ କଥା ଶୁନି ଶୁନି
ବିଗ୍‌ଡ଼ି ଯାଇଥିଲା ମୋର୍ ହାଲ୍ ।

ବାଲ୍ କାଟ୍‌ଲା ଉତାରୁ ଲଗାଲା ମୋର୍ ଗାଲେ
ଫାଇବ୍‌ଷ୍ଟାର୍ ସେଭିଙ୍ଗ୍ କ୍ରିମ୍
ହେତେ ବଲେ୍‌କେ ତାର୍ କୁର୍‌ଚିଥି ଶୁଇକରି
ମୁଇଁ ଦେଖୁଥିଲି ଗୁଟେ ଡ୍ରିମ୍ ।

ଡ୍ରିମ୍ ଥି ଦେଖ୍‌ଲିଁ ଭଣାରୀ ଆର୍ ନେତାନେ
ଫରକ୍ ବଲି କିଛି ନାଇଁ
ଦୁଇଝନ୍ ଯାକ ଚାଁଛ୍‌ବାର୍ କାମ୍‌ଥି
ଏକ୍ସପର୍ଟ୍ ଅଛନ୍ ହୋ ଭାଇ ।

ସାର୍‌ଲା ସେଭିଙ୍ଗ୍, ଝିଁଟ୍‌ଲା ପାଏନ୍
ଆର୍ ଭାଙ୍ଗିଦେଲା ମୋର୍ ଡ୍ରିମ୍
ପୁଛିଦେଲା ମୁହୁଁ, ଲଗାଲା ମୋର୍ ଗାଲେ
ଫେୟାର୍ ଏଣ୍ଡ୍ ଲଭ୍‌ଲି କ୍ରିମ୍ ।

ବାଲ୍ କାଟିକରି ଟଙ୍କା ପଚାଶ୍ ଦେଲି
ଆର୍ ଆଏଲି ସେଠାନୁ ଭାଗି
ହେଲେ, କେନ୍ତା ଡ୍ରିମ୍‌ଟେ ଦେଖ୍‌ଲିଁ ମୁଇଁ ଯେ'
ସେଥିର୍ ନୁଁ ନାଇଁ ପାରୁଚେଁ ଫାବି ।

କାହାକେ କହେମି ଆର୍ କେନ୍ତା କହେମି
ମୋର୍ ଦେଖ୍‌ଲା ଡ୍ରିମ୍‌ର କଥା
ଇନେ ଟଙ୍କା ପାଁଚ୍‌ଶ ଆର୍ ପଏଟେ ମଦେ (ମଦ୍ ରେ)
ଭୋଟ୍ ଘିନୁଛନ୍ ନେତା ।

ତାର୍ ପରେ ଭାବ୍‌ଲିଁ...

ଭଣାରୀର୍ କାମ୍ ତ' ଚଁଛା ପୁଛା ଆଏ
ହେ' ଚାଁଛୁଥିବା ମଲାଯାଏ
ନେତା ଯଦି ନିଜେ ଦେଶ୍ କେ ଚାଁଛ୍‌ଲା
ଆମର୍ ଦେଶ୍ କେ ବଁଚାବା କିଏ ?

**ସମ୍ପାଦକ, ଇ-ପତ୍ରିକା**
**ମୋ : ୯୯୩୭୧୨୮୫୪୭**

■■■



# ତୁଇ ଆଏବୁ ବଲି

(କୋଶ୍‌ଲୀ କବିତା)

**ଯୋଗେଶ ଚନ୍ଦ୍ର ମିଶ୍ର**

ତୁଇ ଆଏବୁ ବଲି
ଜୁଇ, ଜାଇ, ମଲୀର୍ ବାସ୍‌ନାଥି
ମହକି ଗଲା ମୋର୍ ଜୀବନ୍‌ଟା
ମନ୍ ଯମୁନା ଉଛ୍‌ଲି ଗଲା
ଚମ୍‌କି ଗଲା ଆଖିର୍ ତରା
ତୋର୍ ଚେହେରା
କଲ୍‌ଜାକେ ଭେଦି ଗଲା
ଶରାବନ୍‌ର ପହେଲା ଝଡ଼ି ନ !
ଭିଜିଗଲା ମୋର୍ ଦେହେ, ମନ,
ଉଦା ଉଦା ପାହା ତୋର୍
ମୋର୍ ବାଟ୍ ଦୁଆରେ ପଡ଼୍‌ଲା ନ !
ମହୁଲ୍ ଝାରର୍ କୁର୍‌ମା ତଲେ
ତୋର୍ ଲଜ୍‌ଲଜ୍‌ନିଆଁ ପହେଲା ଚୁମା
ମୁଇଁ ହେତେଇ ହେଲିନ ।
ବଉଲିଆ ଧୁକାର୍ ମହୁଲିଆ ଜାଡ଼େ
ତେତେଲ୍ ଡୁଙ୍ଗରୀର୍ ସେମେଲ୍ ଫୁଲେ
ସଜେଇ ଦେଇଛେଁ ତୋର୍ ବାଟ୍‌କେ
ମାନ୍ ଅଭିମାନ୍ ଛାଡ଼ି
ପ୍ରିୟାରେ ତୁଇ ଆଏବୁ ବଲି ।



■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮



# ସେ ଅଛେ ବଲିତ

(କୋଶଲୀ କବିତା)

**ଶ୍ରୀ ନରସିଂହ ସାହୁ**

ବଁଧେ ଫୁଟି ଫବନ୍ ଥିଁ ଦୁହ୍ଲୁ ଥିବାର୍ ପଦୁଁ ଫୁଲ୍
ମୋର୍ ମନର୍ କଥା କେତେକ୍ ବୁଝ୍‌ସି କି ମୁଟେ ନି ପାରେ
ମାତର୍ ହେ ଫୁଟିଛେ ବଲି
ମୁଇଁ ଛନେ ସମିଆ କାଟ୍‌ସିଁ ବଁଧ୍ ଆରି
ନିଝିରି ଆଏସି ଦୁଇ ପଦ୍ କବିତାର୍ ଝରନ୍ ଖିଲ୍ ଖିଲେଇ
ମୋର୍ ସପନ୍ ପିକ୍‌ଲଉଥିସି ନିଶବଦ୍ ରାଏତ୍ ଥି ।



କେଭେଁ କେଭେଁ ବସିଥିଲେ ଅଥା ବିଥା ହେଇ
ସେ ଆଏସି ମୋର୍ ପଛ୍ ବାଟୁ
ହୁଲ୍‌କେ ଧୁକାର୍ ପିଠି ଥିଁ ବସି
ଚୁପ୍‌ଚାପ୍ ଚୁମାର୍ ଫଟୁ ଟେ
କାଟିଦେସି ହୁରୁଦର୍ କର୍‌ପନେ,
ଏକ୍‌ଲା ଲମା ଟ୍ରେନ୍ ଜର୍ନିର୍ କଧ୍‌ରିଆ ସମିଆ ନେ
ଘୁଡ୍‌କାବାଲା ଭିଖାରିର୍ ଗିତର୍ ସୁରେ,
ନୁଆ ବଏସିର୍ ଗାଲର୍ ଭଁଅରି ଥିଁ
ହସୁଥିସି ଫୁଲ୍
ଅକୁହା ଭାସା ଥିଁ ମୋର୍ ସାମ୍‌ନା ସିଟେ,
କେନ୍ ଜାନେ ସେ ଅଛେ ବଲି ମୋର୍ ମନ୍‌ଟା
ଚୁପ୍‌ହେଇ ଥାବେ ରହେସି ବିତ୍‌ବିତିଆ ଧାଁଧପଡ୍ଡୁ।

ଫୁଲ୍‌ଟା ଚୁଁଡ୍ ଫୁଟେଇ ନାଇଁ କହୁ ପଛେ
ସେ ଫୁଟିଥିସି ବଲି ବଁଧ୍ ଭିତ୍‌ରେ
ମୋର୍ ପହେଚାନ୍ ଟିକ୍‌କ ପାଲ୍‌ଟିଛେ କଲମର୍ ବଫୁଁ
ଏକ୍‌ଧର୍‌ସିଆ ମୋର୍ ସଁଗେ ଜୁରିହେସନ୍ ଡେନା ବାଧି
ହେ ପାହାଡ୍ ଝର୍‌ନା ଗଛ୍ ଖୁଟ୍ ନଏଦ୍ ନାଲ୍ ଯାକ
ଆକାଶର୍ ଚରେଇମନେ ମୋର୍ ଭିତରେ କେ
ଦହଡ଼ି ଆଏସନ୍ ଛାତିର୍ ମିଠା ଫଲର୍ ବାଏର୍‌କେ
ମତେ ନି ଲାଗେ ଏକ୍‌ଲା ଜୀବନ୍ ଧର୍‌ସା ଥି କେଭେଁ
କି ଧୁକା ଗର୍‌ଡି ସଁଗେ ଜୁଝାଜୁଝି ବେଲ୍‌କେ ।

ଅରନ୍‌ଜାଲର୍ ଘୁଟ୍‌ଘୁଟା କଲିଆ ବାଦଲ୍ ଭିତ୍‌ରେ
ହଜାନସାର୍ ଲୁକ୍‌ଲୁକାନି ଖେଲେ
ବଁହଡ଼ିଗଲେ ଦିସା,ଅକଲ୍ ଗୁଡ୍ଡୁମ୍ ହେଲେ
ହେ ତ ଲୁକି ଲୁକି ଗେଲ ହେସିଁ
ଝାଏଁରେ.. ବଲି ଟାନିଦେସି
ଆଶର୍ ଇଁଦର୍‌ଧନୁର୍ ଛତା
ସେ ଅଛେ ବଲି ତ...।।

■■■

ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ - ୭୯୭୮୬୨୭୨୦୨

# ଚିନ୍ତାର କୌଣସି କାରଣ ନାହିଁ



**ଅଞ୍ଜଳି ଆଚାର୍ଯ୍ୟ**



ଆଲୋକିତ ଦୀପଶିଖାମାନେ
ତର୍କ ବିତର୍କ ରେ ମସଗୁଲ ।
କିଏ କେତେ ଜଳିପାରେ
କେତେ ଉଚ୍ଚକୁ ଉଠିପାରେ
ଦେଖଉ ଥିଲେ ଆଭା ।
ଦୀପ ତଳ ଅନ୍ଧାର ରେ ଦିଶୁଥିଲା
ଅନେକ ବ୍ୟଥା ଭରା କାହାଣୀ ।

ନାଷ୍ଟାପି ମାପୁଥିଲା ପାହୁଣ୍ଡ
ଭୋକର ସାହାରାରେ ଆଶାବାଡି ଧରି ।
ମରିବାକୁ ବି ଜୁ ନାହିଁ ।
ଏପଟେ ଦୀପଶିଖା ଯେତିକି ଜଳୁଥିଲେ
ଘଣ୍ଟଶଂଖର ଧ୍ୱନି ଠିକ ସେତିକି
ଥରଉଥିଲା ସହରର ଗଳିକନ୍ଦି କୁ ।

କେତେ ତ ଦେଶ ଦ୍ରୋହି ସ୍ଲୋଗାନର
ଶରରେ କ୍ଷତ ଓ ବିକ୍ଷତ ।
ସେମାନଙ୍କୁ ବି ଜଣାନାହିଁ
କ'ଣ ସେ ଦ୍ରୋହ ?

ଥରି ଥରି ଝୁନି ଓ ରୁନି ଥରିଲା
କଣ୍ଠରେ ବାପାଙ୍କୁ କହୁଥିଲେ
ବାପା ଦେଖ ଶିଳ ଶିଳପୁଆ
ନିଜେ ନିଜେ ଛିଡ଼ା ହେଲେଣି ।
ଏବେ ବେଲଣା ବାଡିର ପାଳି ।

ବିରାଟ ଅଘଟଣ !
ସବୁଜାକ ଇଶ୍ୱର ତତ୍ପର
ଅଘଟଣ ଯିବ କେମିତି ?
ଚାରିଆଡ଼େ ଭିଡ଼ ।
ସୋରିଷ ବି ତଳେ ପଡ଼ିବନି ।
କେତେ ଲୋକ ତ ଏକ ବସ୍ତ୍ରୀ
କପଡା ପିନ୍ଧିବା ପରେବି
ଆରପାର ଦିଶୁଛି ।
ପେଟରେ ଦାନା ପଡିଛି କି
ନାହିଁ କେଜାଣି ?
ସଭିଏଁ ଆଷାଢିଆ ବର୍ଷାରେ ଭିଜୁଛନ୍ତି ।

ରାଜାଙ୍କ ହୁକୁମ୍,
ଆଜି ଘଣ୍ଟ ବାଜିବ
କାଲି ଦୀପ ଜଳିବ
ପୁଣି ପାଣିର ଗାର ପଡ଼ିବ ।
ସବୁ ଅଘଟଣ ଘଟଣା ହେବ ।
ବିପଦ ଟଳିବ ।
ଚିନ୍ତାର କୌଣସି କାରଣ ନାହିଁ !
ଲୋକ ବି ମସଗୁଲ
ରାଜା କେବେ ଭୁଲ କରନ୍ତିନି ।

■■■


ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର ଭୁବନେଶ୍ୱର

ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ହୃଦୟ

ଗୀତା ପଟ୍ଟନାୟକ





ହୃଦୟ ନୁହଁଇ ମାଟି ପ୍ରତିମାଟି
ଭାଙ୍ଗି ଗଲେ ଗଢ଼ି ଦେବ,
ହୃଦୟ ନୁହଁଇ ହାତ ଅଙ୍କା ଛବି
ଚିରି ଗଲେ ଆଙ୍କି ହେବ ।

ହୃଦୟ ବୀଣା ର ସୂକ୍ଷ୍ମ ତନ୍ତ୍ରିଟି
ଛିଣ୍ଡିଲେ ହୁଏ ନା ଯୋଡ଼ି,
ହୃଦୟ ତଳର ଅବ୍ୟକ୍ତ ଯନ୍ତ୍ରଣା
ହୁଏ ନାହିଁ କେବେ ପଢ଼ି ।

ବନ ଦାବାନଳ ଦିଶଇ ଉଜ୍ଜଳ
ସଭିଏଁ ପାରନ୍ତି ଜାଣି,
ହୃଦୟ ଅଗ୍ନିର ନିର୍ବାପନ ପାଇଁ
ନାହିଁ କାହିଁ କେଉଁ ପାଣି ।

ସହୃଦୟ ବ୍ୟକ୍ତି ହୃଦୟ କୁ ଚିହ୍ନେ
ଦେଖେ ନି ସେ ରୂପ ରଙ୍ଗ,
ହୃଦୟ କେବଳ ଚିହ୍ନି ପାରେ ସେହି
ବିବେକ ଯାହାର ସାଙ୍ଗ ।

ହୃଦୟ ଭାଙ୍ଗିବା ଅତିବ ସହଜ
ଲୋଡ଼ା କୁଟ ଆଚରଣ,
ମିଥ୍ୟା ଅପବାଦ ଛଳନା କପଟ
ତା ସାଥିରେ ଥାଏ ଜାଣ ।

ହୃଦୟ ଆଇନା କଲେ ଚୂନା ଚୂନା
ସଂପର୍କ ର ହୁଏ ଇତି,
ଯେତେ ଚେଷ୍ଟା କଲେ ଫେରାଇ ହୁଏନା
ପୂର୍ବ ମଧୁର ସ୍ଥିତି ।

ହୃଦୟ ଯାହାର ଭାଙ୍ଗେ କି ଜାଣିଛ
କେତେ ଯେ ଯନ୍ତ୍ରଣା ତାର,
କହି ପାରେ ନାହିଁ ସହି ପାରେ ନାହିଁ
ପ୍ରାଣେ ଉଠେ ହାହାକାର ।

ହୃଦୟ ଜିଣିବା ନୁହଁଇ କଠିନ
ଲୋଡ଼ା ସ୍ନେହ ଶ୍ରଦ୍ଧା ଭାବ,
ଈର୍ଷା ଦ୍ୱେଷ ସ୍ୱାର୍ଥ ତେଜି ନ ପାରିଲେ
ନୁହଁଇ କେବେ ସମ୍ଭବ ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# ପ୍ରେମ ଅମୃତ

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ପ୍ରେମ ଅମୃତକୁ ଚାଖି ହୁଏ ନାହିଁ
ଦେଖେଇ ବି ହୁଏ ନାହିଁ
ଅନୁଭବୀ ଯିଏ ଅନୁଭବେ ସିଏ
ଅନୁଭବ କହି ହୁଏ ନାହିଁ ।
ଅନୁରୋଧ କରି ପ୍ରେମ ଯେବେ କରି
ଅନୁଧାବନ କି କରିପାରେ ?
ଅଜ୍ଞାନତା ଥାଏ ମିଥ୍ୟାଚାର ସିଏ
ସହଜେ କି ପ୍ରେମ ହୋଇପାରେ ?
ନ ଛୁଇଁ, ନ କହି ନ ପାଇ କିଛିବି
ପ୍ରେମ କେବେ ହୋଇଯାଏ
ଦୁଇ ନୟନର ମିଳନ ହୋଇବି
ହୃଦୟ ମିଳନ ହୁଏ ।
ସେଇଥିରେ ଥାଏ ସେଇଟିର ହୁଏ
ସେଇ ଭାବ ହୁଏ ପ୍ରେମ
ଅମୃତ ସମାନ ସେ ପ୍ରେମ ମହାନ
ଦୁଇ ଅନ୍ତର ସମାନ ।



■■■

ବରମୁଣ୍ଡା ହା. ବୋ. କଲୋନୀ,
ଭୁବନେଶ୍ୱର
ମୋ - ୯୪୩୭୨ ୭୯୧୭୨

# କୋହ

ଡ. ପ୍ରବୀଣା ପରିଡ଼ା





କଙ୍କି ପଛେ ଧାଉଁ ଧାଉଁ
ମେଘକୁ ଦେଖି
ଥୁଣ୍ଟା ଗଛରେ ପତ୍ର କଅଁଳିଲା ପରି
ମନ ତଳେ ଗଜୁରି ଉଠେ
ଦରଫୁଟା ଇଛା
ଶ୍ରାବଣର ଅମାନିଆ ବର୍ଷା
ଭିଜାଏ କଦମ୍ବ  ଭିଜାଏ ମନ,
ସବୁଜାୟିତ ହୁଏ ଅନ୍ତର ଚେତନା
ସାତ ସପନର ସୁର ନାଇ
ବାଜିଉଠେ
ବର୍ଷାର ସାହାନାଇ।
ସାରୁପତ୍ରେ ଢଳଢଳ
ସ୍ମୃତି ସାଉଁଟା ଜୀବନ
କେବେ ମଉଳି ଯାଏ ତ
କେବେ ଜୁଡୁବୁଡୁ ହୁଏ
ମାଟିର ମହନୀୟ ବାସ୍ନାରେ।
ଚିତ୍ରମୟ ଜଗତର
ସୁକୁମାର ଭାବନା
ସାଇତି ରହେ
କଅଁଳ ପତ୍ର ରୂପକ ମଗଜରେ
ମୋହ ମାୟା ରୁ ହୋଇ ମୁକ୍ତ
ଖୋଜୁଥାଏ ନିର୍ବାଣ ପଥ,
ବୋଧେ ଏଇ ତ'  ଜୀବନର ଚଲାପଥ ।

■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ - ୮୮୯୫୫୪୭୭୬

# ଭଗ୍ନାଂଶ

**ଡ. ମନୋରଞ୍ଜନ ବିଷୋୟୀ**



ଶିଳ୍ପୀ ଯଦିଓ ନୁହେଁ
କବି ମଧ ନ ହୋଇପାରେ ମୁଁ
କଳାର ମଧୁର ଧ୍ୱନି ଆଉ
ଭାଷାର ସେ ଯାଦୁଗରି
ନ ଥାଇ ବି ପାରେ ମୋ' ଠାରେ ।
ତଥାପି ଅଜନ୍ତାର
ଅବା ସେହି ଭଗ୍ନ କୋଣାର୍କର
ମୃତ ପ୍ରସ୍ତର ଜୀର୍ଣ୍ଣ ଫାଟକ ଭିତରୁ
ତୁମକୁ ମୁଁ ଆବିଷ୍କାର କେବେ କରିନାହିଁ ।
ସିନେମା ଫାଟକ ପାଖେ ଅବା
କେଉଁ କଲେଜର ନିଭୃତ କୋଣରୁ
ତୁମ ପାଇଁ ମୋ ଓଠର ଫାଙ୍କେ
କେବେହେଲେ ସିଟି ବାଜିନାହିଁ ।
କହିଥିଲେ କହିଥିବେ ଓମର ଖୟାମ୍
ନତୁବା ସେ ଭଞ୍ଜ ବୀରବର
ନାରୀ ଆଉ ନଦୀ ଦୁହେଁ
ଗତିଶୀଳ ସଦା ହିଁ ଚଳ ।
ତଥାପି ନାରୀ ତୁମେ ପ୍ରେୟସୀ ବି ତୁମେ
ତୁମ ଦେହେ ଦେଖେ ମୁହିଁ
ସମୟର ସ୍ରୋତ
ଆଉ ମନରେ ମୋ ଚିନ୍ତାର ଭଗ୍ନାଂଶ ।



■■■

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ -୮୮୯୫୧୪୧୭୨୭

# ମାଟିରୁ ଆକାଶ

**ଅଜୟ କୁମାର ସେଠୀ**



ମାଟିରୁ ଆକାଶ ଆକାଶରୁ ମାଟି
ଲମ୍ବିଛି ଅନେକ ଦୂର
ସେଇ ଅଗଣାରେ ମଣିଷ କରିଛି
ତାର ଏ ଛୋଟିଆ ଘର ।
କାମ କ୍ରୋଧ ରାଗ ଗର୍ବ ଅଂହକାର
ସାଇତିଛି ତା ପାଖରେ
ସ୍ବାର୍ଥ ଅର୍ଥ ପାଇଁ ପାଗଳ ହେଉଛ
ବୁଡ଼ିଯାଏ ଛଳନାରେ ।
ସମ୍ପର୍କରେ ଆଣି ସନ୍ଦେହଜହର
ବିଶ୍ୱାସକୁ ହତ୍ୟା କରେ
ମାନବିକତାର ମୂଲ୍ୟବୋଧ ଭୁଲି
ହିଂସାର ବାଟକୁ ଧରେ ।
ଧର୍ମ ଧୋଇଯାଏ ଅଧର୍ମ ସ୍ରୋତରେ
ଧର୍ମ କନ୍ଦେ ବାରମ୍ବାର
ଅଧର୍ମ ଦୁଆରେ ବନ୍ଧା ପଡିଅଛି
ଧରମରଅଧିକାର ।
ତଥାପି ମଣିଷ ସବୁ ଜାଣି ଶୁଣି
ମାୟାର ହୁଏ ଶୀକାର ।
କାମନା ବାସନ ମଦୀରାକୁ ପିଇ
ସବୁ କରେ ଛାରଖାର ।
ଅର୍ଥ ପାଇଁ ଏଠି ଅନର୍ଥ ହୁଅଇ
ସମ୍ପର୍କରେ ଉଠେ ଝଡ଼
ସେଇ ଅର୍ଥ ଆଜି ସଂସାର ଭାଙ୍ଗୁଛି
ଉଜଡଇ କେତେ ନୀଡ଼ ।
ମାଟିରୁ ଆକାଶ ସେମିତି ରହିଛି
ରହିଥିବ କାଳ କାଳ
ସମୟ ଆସିଲେ ସବୁ ସରିଯିବ
ଏପରା ବିଧିର ଖେଳ ।
ଏବେବି ରହିଛି ବେଳ
ଈଶ୍ୱରଙ୍କ ଠାରେ ଶରଣ ପଶିଲେ
ଦୂରେଇ ଜୀବଟି କାଳ ।



■■■

ଅଞ୍ଜିରା, ଓହ୍ଲାଣ,ପୁରୀ
ମୋ - ୯୯୩୭୧୯୮୮୭୮

ଇ ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ମୋ କବିତା

ନୀଳମଣି ଚାନ୍ଦ



ମୋ କବିତା
ଛନ୍ଦ, ଅଛନ୍ଦର
ଭାବ, ଅଭାବର
ମୋତେ ଆବିଷ୍କାର କରେ
ଉଦ୍ଭାବନ କରେ
ସବୁ କାହାଣୀ ଶେଷରେ ତ
ମୋ କବିତାର ଆରମ୍ଭ
ଠିକ୍  କଅଁଳ ସକାଳଟେ ପରି ।



ମୋ କବିତା
ଯୁଗ, ଅଯୁଗର
ଫୁଲ, ଅଫୁଲର
ଅର୍ଦ୍ଧସତ୍ୟ  ଉପରେ ଥୁଆ
ମାଦଳାପାଞ୍ଜିଟିଏ
କେବେ ଭୂମିରୁ ଭୂମା ତ
କେବେ ଇନ୍ଦ୍ରଧନୁରୁ ରଙ୍ଗ ସାଉଁଟି
ଚିତ୍ ଆଙ୍କୁଥିବା  ଚିତ୍ରକରଟିଏ ।

ମୋ କବିତା
ସତ୍ୟ ଅସତ୍ୟର
କଥନ ଅକଥନର
ଫୋନିକ୍ସ ପକ୍ଷୀପରି
ପୁନର୍ଜନ୍ମ ପାଏ
ସରହଦ ପାରିହୁଏ
ଶାସକଟିଏ ପରି
ନିଜର କ୍ଷମତା ଜାହିର କରେ ।

୨୭, ମହ ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# ନବବର୍ଷରେ ଭାବନା

ବୀରେଶ୍ୱର ମହାନ୍ତି



କ'ଣ ଏବେ ନୂତନତ୍ୱ ଅଛି ଯେ !
ସବୁ ଦିନ ପରି ତ ଦିନଟେ
ସୂର୍ଯୋଦୟ-ସୂର୍ଯ୍ୟାସ୍ତ ଚବିଶଘଣ୍ଟା
ସେଇ ଘଡ଼ି,ପ୍ରହର,ଲିତା,ବିଲିତା
ଯେତେ ସବୁ ପ୍ରତିଶ୍ରୁତି ନିଷ୍ଠୁର ପ୍ରତାରଣା
ତେବେ କିଆଁ ବନ୍ଧୁ ଏତେ ଯାନିଯାତ୍ରା,
ବଦଳୁଛି ମାତ୍ର ତାରିଖ ମାସ
ବଦଳି ଚାଲିଛି ବରଷ ବରଷ
ବଦଳୁଛି କି ବନ୍ଧୁ ସର୍ବହରାର
ଶୋଚନୀୟ ରୂପ,ରଂଗ,ବାସ ?



ନବବର୍ଷକୁ କରି ଆଳ
ନାନାବିଧ ଉତ୍ସବ ଅନୁଷ୍ଠାନ
ସୁରାସାକୀ ନିଶାରେ ଟଳମଳ
ଚିକିମିକି ବିଜୁଳିବତିରେ ଝଲମଲ
ପଂଚତାରକା ହୋଟେଲ ଉଠୁଛି,ପଡୁଛି,
ପ୍ରାଚୀର ସେପଟେ ଘନଘଟା ତମିସ୍ରାରେ
ସ୍ତିମୀତ ମିଞ୍ଜିମିଞ୍ଜି ଆଲୁଅ ଘେରରେ
ଜରାଜୀର୍ଣ୍ଣ କେହି ଜଣେ ଜୀବନ ଖୋଜୁଛି
ବଂଚିବା ପାଇଁ ଦୁନିଆରେ ତା' ହକ ସେ ମାଗୁଛି ।

ଅସହାୟ ନିରୁପାୟ ସର୍ବହରା ସେ
କ'ଣ ବା ତା'ର ଯାଏ ଆସେ
ନବବର୍ଷର ଆତସବାଜି,ରୋଷଣୀ ଚମକ
ତା' ପାଇଁ ତୁଚ୍ଛା କିମିଆ କୁହୁକ,
ଶୁଣିଛ କି ବନ୍ଧୁ କେବେ ସର୍ବହରା ଭାଷା
ଆସିଛି କି ଅନୁଭବେ ତା' ଅବ୍ୟକ୍ତ ବେଦନା
ଅଣନିଃଶ୍ୱାସୀ ପ୍ରାୟ ସର୍ବହରା ସେ
ବଂଚିବା ପାଇଁ ମୁଠେ ପବନ ଖୋଜେ ।

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧



# ମନସିଜ

**ପଞ୍ଚାନନ ତାଣ୍ଡି**



ବରଷିବ ବରଷିବ ବୋଲି
ଆଶାର ବଉଦ ଅଦିନରେ
ଟପ୍ ଟାପ୍ ବରଷିଲା
ଗୁମ୍ଫିତ ମନର ମୁଠା ମୁଠା
ସପନ ମଞ୍ଜି
ଗମ୍ଭୀର ନୀରବତା ଭେଦି
ନିଛାଟିଆ ଅଗଣାରେ
ସରମି ସରମି
ଚୁପ୍ ଚାପ୍ ବତୁରିଲା
ଭିଜାଭିଜା ନିଃସଙ୍ଗ
ଛାତି ତଳେ ଅଜଣା
ପୁଲକର ଶିହରଣ
ଉଦାସିଆ ମନର
ପିଆସି ଓଠରେ
ଅଧିରତାର ମୃଦୁ ମୃଦୁ
କମ୍ପନ
ଅଙ୍ଗେ ଅଙ୍ଗେ ଅନଙ୍ଗର ତେଜ
ସ୍ଥବିରତାର ଗଙ୍ଗଶିଉଳି
ଡେଇଁ ଡେଇଁ
ହାତ ପାପୁଲିରେ
ଅଥୟ ମନସିଜ ।

■■■

ସତୀଘାଟ, ଟିଟିଲାଗଡ଼
ମୋ : ୭୦୦୮୨୭୭୪୯୮

# ଡାଇପର

ଶ୍ରୀମତୀ ରୀତା ମିଶ୍ର



ମାଆ ମୋର ଶୁଣ ମାଆ ମୋର
ପିନ୍ଧାଅନି ମୋତେ ଡାଇପର ।
କଅଁଳା ଶିଶୁଟି ପରା ମୁହିଁ
ଚମ ଅଛି ମୋ ପତଳା ହୋଇ ।
ପିନ୍ଧାଇଲେ ମୋତେ ଡାଇପର
ଦରଦ ହେଉଛି ଅଣ୍ଟା ମୋର ।
ଜଙ୍ଘ ହେଇ ଯାଉଛି ମୋ ନାଲି
କହି ପାରୁନିଁ ମୁଁ କିଛି ବୋଲି,
ପିନ୍ଧାଇ ଦେଉଛ ବାରବାର
ବୁଝୁନାହଁ ଟିକେ ଦୁଃଖ ମୋର ।
ରାତିରେ ଶୋଇଲା ବେଳେ ପରା
ମୂତରେ ଡାଇପର ହେଉଛି ଭରା ।
ମୁଁ ତ କଥା କହି ପାରୁନାହିଁ
ରଡି ଛାଡୁଅଛି ସେଥିପାଇଁ ।
କେତେ ଗେଲ ତୁମେ କରୁଅଛ
ମନଜାଣି ଖାଇବା ଦେଉଅଛ ।
କାନ୍ଦିଦିଏ ଟିକେ ଯେବେ ମୁହିଁ
ଗେଲକର କେତେ କଥାକହି ।
ଶୁଝି ପାରିବିନିଁ କେବେ ତୁମ ଋଣ
ମହାପ୍ରସାଦ ହେବ ତୁମ ଗାଳିମାନ ।
ଖାଲି କହୁଛି ଏତିକି ବୁଝାଇ
ଡାଇପର୍ କୁ ଦିଅ ଏଡେଇ ।
ବେଳେବେଳେ ମୋତେ ପିନ୍ଧାଇବ
କହିଦେଲି ବୋଲି କିଛି ନଁ ଭାବିବ ।
ସୁନା ମାଆ ପରା ତୁମେ ମୋର
କଥା ମାନି ମୋର କାମ କର ।



ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ:୮୨୮୦୧୭୦୧୭୯

# ଅବୁଝାପଣ

ମମତାବାଳା ହୋତା



ସନ୍ତାନ କି ବୁଝି ପାରେ
ମାଆର ମମତା !
ଯେ ପର୍ଯ୍ୟନ୍ତ ନ ହୋଇଛି ସିଏ
ମାତା କିମ୍ବା ପିତା ।
ମାଆର ଛଳଛଳ ଲୁହକୁ
ଦେଇପାରେ ଛଳନାର ଆଖ୍ୟା,
ବୁଝି ବି ଅବୁଝା ହୁଏ ତା ପାଇଁ
ମମତାର ବ୍ୟାଖ୍ୟା ।
ପିତୃତ୍ୱର ଅନାବିଳ ସ୍ନେହକୁ ସେ
କରିଥାଏ, ନିର୍ବିକାରରେ ଉପେକ୍ଷା ।
ତାଙ୍କ ସୋହାଗରେ ଖୋଜିବସେ
ଉପମା,ରୂପକ,ଉତପ୍ରେକ୍ଷା ।
ଅହଂଗ୍ରସ୍ତ ମନ ତା'ର କରିବସେ
ଲାଭ ଓ କ୍ଷତିର ହିସାବ ବେଉସା ।
ଅବୋଧ ହୋଇଯାଏ ତା' ପାଇଁ
ପିତାଙ୍କ ହୃଦୟର ରକ୍ତ ନିଗିଡା ଭାଷା ।
ତା ଅବୁଝାପଣର ନିକିତି ରେ
ତଉଲି ତଉଲି
କରିବସେ ଆଶାତୀତ ଆଶା ।
ତା' ମନତଳେ ଉଙ୍କିମାରେ
ଅନ୍ତହୀନ ଅନନ୍ତ ଜିଜ୍ଞାସା ।
କସ୍ତୁରୀ ମୃଗ ପ୍ରାୟେ ଖୋଜିବସେ
ସ୍ନେହ ଆଉ ମମତାର ଭାଷା ।
ଭଲ ଓ ମନ୍ଦର ବିଚାର କରି କରି
ଜୀବନରେ ଭରିଯାଏ ହା' ଓ ହତାଶା।
ହେ ଅପତ୍ୟମାନେ, ଏବେ ବି ସମୟ ଅଛି
ବିଶ୍ୱାସରେ ଲଭିବ ସତ୍ୟତା ।
ତାଙ୍କ ଆଶୀର୍ବାଦ ପାଇ
ଯୁଗେ ଯୁଗେ ହେଉଥାଅ ଜଗତଜିତା ।



■■■

ତପସ୍ୟା, ସମଲ ବ୍ୟାରେଜ୍, ଅନୁଗୁଳ

# ଫଗୁଣ

**ଶୁଭଶ୍ରୀ ସିଂ**



ଋତୁରାଣୀ ତୁମେ ମୋ ମନ ଫଗୁଣ ର ପ୍ରୀତି ପସରା
ମଳୟ ବଳୟେ କିମ୍ପାଇଁ ଛୁପିଗଲ ନ ଦେଲ ଧରା ।

ଭରା ଯୌବନେ ନବ କିଶଳୟେ ଉଛୁଳା ପ୍ରେମ ପିଆଲା
ଆମ୍ର ଗଛ ଡାଳେ ସୁନେଲି କିରଣେ ଚାନ୍ଦିନୀ ହଜିଗଲା ।

ଫୁଲର ସୁଗନ୍ଧେ ମତୁଆଲା ପିକ ପ୍ରେମେ ଡ଼ାକଦେଲା
ବୟସ ଅନ୍ତେ ରାତ୍ରଶେଷେ ଉଲ୍ଲାସେ ଫଗୁଣ ଆସିଲା ।

ତେରଛି ନଜରେ ପାଦପ ଉହାଡ଼େ ଆକାଶ ହସିଲା
ଫଗୁର କଳସ କାଖେଇ ଫଗୁଣ ଆସିଛି ରଙ୍ଗନେଇ ।

ଚମ୍ପା,ମଲ୍ଲୀ,କିଆ ସହ କୃଷ୍ଣଚୂଡାର ରଙ୍ଗ ଚୋରେଇ
ବସନ୍ତ ହସୁଛି କଦମ୍ବ ବନରେ ଅଧର ସଜାଇ ।

ତରୁଡାଳେ ମଧ୍ୟେ ସର୍ବାଙ୍ଗ ସୁନ୍ଦରୀ ପଳାଶ  ଫୁଲେଇ
ଲୋଭନୀୟ ରୂପେ ଅଭିମାନେ ସେ ଦେଲା ମୁହଁ ଲୁଚେଇ ।

ଫଗୁଣରେ ଦୋଳ  ପୂର୍ଣିମା ରାଧାମାଧବଙ୍କ  ମହିମା
ବିମାନେ ରାଧା କୃଷ୍ଣ ସଙ୍ଗେ ରଙ୍ଗଖେଳ କି ମନଲୋଭା ।

ଏତ ମଧୁମାସ ଜଗତ ଶ୍ରୀରାଧାକୃଷ୍ଣ ପ୍ରେମେ ପ୍ଳାବିତ
ପ୍ରଭୁଙ୍କର ଆଶୀର୍ବାଦ ପ୍ରୀତି ପାଶେ ବନ୍ଧା ଏ ଜଗତ ।

■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

ଇ-ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ଦୁଇ ଧାର

ସାଧନା ପଣ୍ଡା



ସୁଖ ଆଉ ଦୁଃଖ ଜୀବନ ଗୀତିର
ଦୁଇଟି ଅଭୁଲା ସୁର
ଦୁଃଖ ବି ନିଜର ସୁଖ ବି ନିଜର
ଜୀବନର ଦୁଇ ଧାର ।।

ଦୁଃଖ ଅଗଣାରେ ସୁଖର ଚାଦର
ଜୋଛନାରେ ଭରି ଦିଏ
କେବେ ଖରା କେବେ ଛାଇର ଶୀତଳେ
ଜୀବନ ଟା' ହସୁ ଥାଏ ।।



ଦୁଃଖ ଆପଣାର ସୁଖ ବି ନିଜର
କାହାକୁ କରିବି ପର
ଜୀବନ ଜଞ୍ଜାଳେ କୂଳେ ପ୍ରତିକୂଳେ
ଜୀବନର ସହଚର ।।

ଦୁଃଖର ଆଘାତ ସହିଛି ଅନେକ
ସୁଖକୁ ଆପଣା ମଣି
ମହକି ଉଠିଛି ସୁଖର ଆବେଗେ
ଦାଉ ସାଧେ ଦୁଃଖ ପୁଣି ।।

ବରଦାନେ ମିଳେ ଏ ମହାର୍ଘ ଜୀବନ
ସୁଖ ଦୁଃଖ ଦୁଇ ଧାର
ମନ ଉପବନେ ହୃଦୟ ବନ୍ଧନେ
ଭୋଗେ ଦୁଃଖ ବାର ବାର ।।

■■■

ଭୁବନେଶ୍ୱର

# ଉଷାର ଉନ୍ମେଷ

**ବାସନ୍ତୀ ବାରକ୍**



ପ୍ରାଚୀ-ଆକାଶର      ଉଷା-ଅରୁଣୀମା
  ଲଳିତ-ଲାବଣ୍ୟ ଆଭା,
ଆଦ୍ୟ-ଆଦିତ୍ୟର      ଆଦିମ-ଦ୍ୟୁତିରେ
  ଆହ୍ଲାଦିତ-ବର୍ଣ୍ଣବିଭା ।
ପ୍ରତ୍ୟୁଷ-ଦିଶାର      ଉନ୍ମେଷ-ପ୍ରଭାତ
  ଶୁଭ୍ର-ରମଣୀୟ ଛବି,
ପ୍ରକୃତି-ସୁଷମା      ଶୋଭା-ଅନୁପମା
  ବିମୋହିତ କରେ କବି ।
ଝରା-ବଉଳର      ଭରା-ମହକରେ
  ଧରାହୁଏ ବାସ୍ନାୟିତ,
ବିହଙ୍ଗ-କଣ୍ଠର      କାକଳୀ-କୁଜନେ
  ମଧୁ ମଙ୍ଗଳ -ସଙ୍ଗୀତ ।
ଉଷା-ଆକାଶର      ଭାଷା-ବାଦଲରେ
  ଭରସାର ପରିଭାଷା,
ଚାଷୀଭାଇ ମନେ      ନୂଆ ଆରମ୍ଭର
  ପୁଲକିତ ନୂଆଆଶା ।
ପଲ୍ଲୀ-ରମଣୀର      ଚଞ୍ଚଳ-ଠାଣିରେ
  କର୍ମ-ଜଞ୍ଜାଳର ଚିତ୍ର,
ଧରଣୀ-ରାଣୀର      ନିତ୍ୟ-ନୈମିତିକ
  ବ୍ୟସ୍ତମୟ-ମାନଚିତ୍ର ।
ବନ,ଗିରି,ଲତା      ତନୁ-ତନିମାରେ
  ପତ୍ର,ପୁଷ୍ପ ଚିତ୍ରଲେଖା,
ପ୍ରକୃତି-ଅଙ୍ଗର      ରଙ୍ଗ-ତରଙ୍ଗରେ
  ଉର୍ମିଳ-ମଞ୍ଜୁଳ ରେଖା ।
ଭାବସିକ୍ତ-ମନେ      ଦିବ୍ୟ-ଚେତନାର
  ଭକ୍ତିମୟ-ବିଭାବନା,
ଦିବ୍ୟ-ଦେବାଳୟେ      ପୂଜା-ଅର୍ଚ୍ଚନାର
  ଓଁକାର ମଧୁ ମୂର୍ଚ୍ଛନା ।
ପୁଣ୍ୟ-ଭାବମୟ      ପ୍ରଭାତ-ସମୟ
  ପ୍ରାଣେ ନବ-ଉନ୍ମାଦନା,
ଗ୍ରାମ-ଜୀବନର      ଜୀବିକା-ଯାତ୍ରାରେ
  କର୍ମପନ୍ଥା-ସଂଯୋଜନା ।

■■■



ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୮୧୫

# ଫୁଲ ଫଗୁଣ

ମାନଗୋବିନ୍ଦ ବାରିକ୍



ଫୁଲ-ଫଗୁଣର ଫଗୁବୋଳା ହସେ
ପ୍ରକୃତି-କାନ୍ତିର ରଙ୍ଗ ଉଛୁଳେ,
ମନ-ଉପବନ ଗହନ-କାନନେ
ରସାଳ-ବଉଳ ମହକ ତୋଳେ ।

ଶ୍ୟାମ-କିଶଳୟ ବର୍ଣ୍ଣ-ବୈଭବରେ
ମଧୁ-ବସନ୍ତର ଐକ୍ୟ-ଐଶ୍ୱର୍ଯ୍ୟ,
ଘନ-ବନାନୀର ସୌମ୍ୟ-ସୌନ୍ଦର୍ଯ୍ୟରେ
କୋକିଳ-କଣ୍ଠର ମଧୁ-ମାଧୁର୍ଯ୍ୟ ।

ମଳୟ-ସମୀର ଉତ୍କର୍ଷ-ସ୍ପର୍ଶରେ
ମଧୁ-ମଲ୍ଲିକାର ମଧୁର ବାସ୍ନା,
ଭାବ-ଆବେଗର ତନୁ-ତନିମାରେ
ଚୋରା-ଚଇତିର ଚିନ୍ମୟ-ତୃଷ୍ଣା ।

ମଧୁ-ମକ୍ଷୀକାଙ୍କ ମଧୁ -ଗୁଞ୍ଜନରେ
ପ୍ରାଣ-କୁଞ୍ଜବନେ ପ୍ରୀତି-ତରଙ୍ଗ,
ନବ-ଯୌବନର ଆଶା-ଉନ୍ମେଷରେ
ମେଘ-ମହ୍ଲାରର ତନ୍ମୟ-ରଙ୍ଗ ।

ଚାରୁ-ଚାନ୍ଦିନୀର ଚନ୍ଦ୍ରମଲ୍ଲୀ-ହସେ
ଅବନୀ-ଅନ୍ତରେ ଅମିୟ ରସ,
ଫୁଲ-ଫଗୁଣର ପ୍ରୀତି-ପୀୟୂଷରେ
ଭ୍ରମର ରଚଇ ପ୍ରଣୟ-ରାସ ।

ବସନ୍ତ -ବିଭାରେ ବାସନ୍ତୀକ-ଶୋଭା
ଧରଣୀ-ଅଙ୍ଗରେ ମଞ୍ଜୁଳବାସ,
ବିମର୍ଷ-ପ୍ରାଣରେ ମୂର୍ଚ୍ଛନା ତୋଳଇ
ମାଦକ-ମଦିରା ମଧୁ-ସୁବାସ ।

ପ୍ରୀତି-ଅଭିସ୍ପାର ପ୍ରେମ-ଇସ୍ତାହାରେ
ବସନ୍ତ-ଉନ୍ମତ୍ତ ମଦନ-ବାଣ,
ତାରୁଣ୍ୟ-ତାଡିର ଉଷ୍ମ-ତୃଷ୍ଣା ତୀରେ
ଶୀତଳ-ସ୍ପର୍ଶର ମହା-ନିର୍ବାଣ ।



■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୭୭୩୫

# ସାହାରା

ଡ. ପ୍ରିୟମ୍ବଦା ସାମଲ



ଦୂର ଆକାଶରେ ନେତ୍ର ଅପହ୍ନୁଞ୍ଚ
ଚପଳାମୀ ଚନ୍ଦ୍ରମାର
ନୀଳକଇଁ ନିରୀମାଖି ଜିଇଁଯାଏ
କିରଣ ଆଶ୍ରେ ଚାନ୍ଦର ।
ଜନ୍ମ ଜନ୍ମାନ୍ତର ସଦା ପ୍ରତୀକ୍ଷିତ
ଶ୍ୱେତେ ଶୁଭ୍ରା କୁମୁଦିନୀ
ଗୋଲାପୀ ଅଧରେ ସଦା ପ୍ରତିଭାତ
ଆଶ୍ରାରେ ମୃଦୁ ହାସିନୀ ।
ମୁଗ୍ଧ ଅନୁଭବେ ସୂର୍ଯ୍ୟମୁଖୀ ହସେ
ସାହାରା ରବି ରଶ୍ମିରେ
ଲତା କୁସୁମିତ ବର୍ଣ୍ଣିଳ ଛଟାରେ
ଆଶ୍ରିତ ଦୃଢ ବୃକ୍ଷରେ ।
ଶିଶୁର ସାହାରା ପିତାମାତା ଯେହ୍ନେ
ନାରୀ ସାହାରା ପୁରୁଷ
ଜୀବନେ ସାହାରା ଜ୍ଞାତି ପରିବାର
ସନ୍ତାନ ଶେଷ ବୟସ ।
ଭାରି ବସ୍ତା ସାଥେ ପଥିକ ଚାଲଇ
ଜୀବନର ଲକ୍ଷ୍ୟ ପଥେ
କର୍ମ ନିପୁଣତା ଜୀବନର ଗାଥା
ଧୈର୍ଯ୍ୟ ସହିଷ୍ଣୁତା ସାଥେ ।
ଜୀବନ ଜୀଇଁବା ସାହାରା ବନ୍ଧନ
ଦେଖାଏ କେତେ ସପନ
ସୁଖ ଦୁଃଖ ଆସି ଚାଲିଯାଏ କେତେ
ସାହାରାରେ ସେ ବନ୍ଧନ ।
କର୍ମ ଜୀବନରେ ସର୍ବଦା ସାହାରା
ନୀତି ଉପଦେଶ ବାଣୀ
କର୍ମରେ ବିଶ୍ୱାସ ଭକତି ମୁକତି
ସଦା ସାହା ବେଣୁପାଣୀ ।



ନନ୍ଦନ ବିହାର, ଭୁବନେଶ୍ୱର

■■■

ଇ ପତ୍ରିକା
ଏକାଦଶ ସଂଖ୍ୟା, ୧ ମଇ ୨୦୨୩

# ସୁନ୍ଦରତା

ବିନୋଦିନୀ ଗଉଡ଼



ସୁନ୍ଦରତା ଥାଏ ଗୁଣରେ, କର୍ମରେ
ନଥାଏ ରୂପର ମାଧୁର୍ଯ୍ୟରେ
ପଳାଶ ଫୁଲଟି ଅତି ମନୋହର
ବାସ୍ନା ବିନା ନାହିଁ ଆଦରରେ ।

ବୈଶାଖ ଖରାରେ ଶୋଷିଲା ଅଧରେ
ପାଣି ଟୋପାଏ ଯେ ଦାନକରେ
କେତେ ପୁଣ୍ୟ ମିଳେ ଜଳ ଦାନ କଲେ
ସୁନ୍ଦରତା ଥାଏ କରମରେ ।



ଗର୍ଭିଣୀ ମହିଳା ସଦା ପୂଜନୀୟା
ତାଙ୍କ ପାଇଁ ସ୍ଥାନ ଛାଡ଼ିଦିଏ
ମହାନ ହୁଅଇ ସଭିଙ୍କ ଆଖିରେ
ସୌନ୍ଦର୍ଯ୍ୟ ତାହାର ବଢିଯାଏ ।

ରାସ୍ତା ପରିଚ୍ଛନ୍ନ ଲାଗେ ଭାରି ଭଲ
ସଫା ଯିଏ ତାକୁ କରୁଥାଏ
ଛୋଟ ପଦବୀରେ ଥିଲେ କଣ ହେଲା
ବଡ଼ ହୁଏ ନିଜ କର୍ମ ଫଳେ ।

ଚାଲୁ ଚାଲୁ ଦିନେ କିଏ ମିଳିଯାଏ
ବଜାର ସଉଦା ବାଣ୍ଟିଧରେ
କଥା ହେଉ ହେଉ ବାଟ ସରିଯାଏ
ମିଠା ହସ ଆପଣାର କରେ ।

■■■

କ୍ୱାଟର୍ ନଂ – ଉ୧-୧ / ୧, ନିଉ ଗଭରନ୍‌ମେଣ୍ଟ
କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ଫେରିଆସ ସମୟ

ଶୁଭ୍ରା ନନ୍ଦ



ହେ ଅତୀତ ବିଗତ ଜୀବନ
ତୁମେତ ସମୟ,
ତୁମକୁ କରୁଛି ଅନୁରୋଧ
ଟିକେ ଫେରି ଆସନ୍ତ କି ?
ଆଉଥରେ ମାତ୍ର
ଜୀବନର ସପ୍ତରଙ୍ଗ ଭରା
ମିଠାମିଠା ସ୍ମୃତିକୁ ସାଉଟି ଆଣି
ସଜାଡି ଥୋଇବାର ଅସରନ୍ତି ଇଛା ମୋର
ରହିଯାଏ ଆଶାରେ ବ୍ୟର୍ଥତାର ହତାସାରେ
ଅନବରତ କଲମ ମୁଁ ଧରେ
ସବୁକିଛି ଲେଖୁଥାଏ
ଯାହା ମୁଁ ଅଙ୍ଗେନିଭାଉ ଥାଏ
ପ୍ରତି ମୁହୂର୍ତ୍ତରେ
ନିରୋଳାରେ ହୃଦୟରୁ ଝରିପଡେ
ଅନେକ ବ୍ୟଥା ଭରା ତାତି
ସବୁକିଛି ଲାଗେ ମତେ
କୁହୁକିନି ମାୟା ପରି
ଅତୀତର ରୋମନ୍ଥନ
ଅସରନ୍ତି କାହାଣୀପେଡି
ହେ ସମୟ
ତୁମେ ତ ଚିରନ୍ତନ ଅବିଶ୍ରାନ୍ତ
ତୁମେତ ନିଛକ ସତ୍ୟ ସମ୍ପୂର୍ଣ୍ଣ ବାସ୍ତବ
ତୁମେ ମହୀୟାନ ତୁମେ ବିସ୍ମୟ ।।



■■■

ଭୁବନେଶ୍ୱର

# କରିଲି ଆଖିକୁ ଆକଟ

ଶ୍ରୀମତୀ ବସନ୍ତ ମିଶ୍ର





କରିଲି ଆଖିକୁ ଆକଟ ତୁମକୁ
ନ ଦେଖିବା ପାଇଁ କେବେ
ଅଝଟିଆ ହୋଇ ଅମାନିଆ ସେ ତ
ମାନିଲାନି କଥା ଲବେ ।

ଧାଇଁଗଲା ତୁମ ପାଶେ ବାରବାର
ଧୋକା ଖାଇ ହୋଇଗଲା ନାରଖାର
ପାଲଟିଲା ଆଖି ନଈ ଓଠ ତଳୁ
ହଜିଗଲା ଖୁସି ଯେବେ।
କରିଲି ଆଖିକୁ ଆକଟ ତୁମକୁ
ନ ଦେଖିବା ପାଇଁ ଲବେ ।

ହୋଇଗଲା ମରୁଭୂମି ମନ ତଳ
ଭୋଗୁଅଛି ଆଜି ଅମାନିଆ ଫଳ
ସବୁ ଜକଜକ ନୁହଁଇ କନକ
ବୁଝି ତ ଗଲାଣି ଏବେ।
କରିଲି ଆଖିକୁ ଆକଟ ତୁମକୁ
ନ ଦେଖିବା ପାଇଁ କେବେ ।

■■■

ମଣିସାହି, ମାଧବ ନଗର, ଭଦ୍ରକ,
ମୋ- ୯୪୩୯୫୫୪୯୬୪

# ଅଳସୀ ପ୍ରିୟାର ଗାଆଁ

ମଞ୍ଜୁଳତା ସିଂ



ଫଗୁଣ ଫୁଲର ପାଖୁଡ଼ାରେ ଲେଖା
ଅଳସୀ ପ୍ରିୟାର ନାଆଁ
ଲବଙ୍ଗ ଦ୍ୱୀପର ଲାବଣ୍ୟବତୀ ସେ
ପ୍ରୀତିପୁର ତାର ଗାଆଁ ।

ତନ୍ଦ୍ରଭରା ତା' ଦୁଇ ଆଖି ତୀରେ
ପ୍ରୀତିର ଅସରା ଢେଉ
ଲବଣ୍ୟମୟୀ ସେ ଲାଜରେ ବତୁରେ
ଟିକେ ଖାଲି ଛୁଉଁ ଛୁଉଁ
ପୁଲକିତ ହୁଏ ତନୁମନ ଯେବେ
ପାଏ ତା' ପ୍ରୀତିର ଛୁଆଁ
ଲବଙ୍ଗ ଦ୍ୱୀପର ଲାବଣ୍ୟବତୀ ସେ
ପ୍ରୀତିପୁର ତାର ଗାଆଁ ।



ପ୍ରୀତି ଯେ ତା'ର ଜହ୍ନ ରାତିର
ଉଛୁଳା ଚାନ୍ଦିନୀ ଢେଉ
ତୃଷିତ କା'ର ପିଆଲାରେ ଭରା
ଅସରା ମଦିରା ମହୁ
ଗୋଲାପି ଗୋଧୂଳି ଅସ୍ତରାଗର
ବର୍ଣ୍ଣିଳ ଧାରେ ଧୂଆଁ
ଲବଙ୍ଗ ଦ୍ୱୀପର ଲାବଣ୍ୟବତୀ ସେ
ପ୍ରୀତିପୁର ତାର ଗାଆଁ ।

■■■

ମୋ-୮୮୪୭୮୫୨୯୧୭

# ମୋ ସ୍ୱପ୍ନିଳ ବଗିଚା

ଅନସୂୟା ବାରିକ



ମୋ ଘର ପାରୁଶେ ସଜାଇଛି ଏକ
ସ୍ୱପ୍ନିଳ ବଗିଚା ଟିଏ
ସଦା ସୁନ୍ଦର ସେ ମନୋରମ ବାସେ
ଚଉଦିଗ ମହାକାଏ ।
ପ୍ରଫୁଲ୍ଲ ଅନ୍ତରେ ନୀତିସେ ଅଜାଡ଼େ
ଅଗଣିତ ପୁଷ୍ପଗୁଚ୍ଛ
କେତେ ଦେବତାଙ୍କ ଅଙ୍ଗଲାଗି ହୁଏ
ନ ଚିନ୍ତି ସେ ଆଗ ପଛ ।
ବଗିଚାର ଦେହେ ଦୋଳୟିତ ହୁଏ
ମନ ଲୋଭା ପ୍ରଜାପତି
ଫୁଲରୁ ଫୁଲକୁ ଆନନ୍ଦ ରେ ଉଡି
ଅଜାଡ଼େ ଆପଣା ପ୍ରୀତି ।
ଅନ୍ତର କୁ ମୋର ଆନ୍ଦୋଳିତ କରେ
ବ୍ୟଥାଭରା ସ୍ମୃତିଗଣ
ପାସୋରିବାକୁ ସେ ନିର୍ଦୟ ମୁହୂର୍ତ୍ତ
ସୁମନେ ଡଳାଏ ମନ ।
କେଉଁ ମଲ୍ଲିକା ଟି ଧାଇଁଆସି ମୋର
କାନେ ଦିଅଇ ବାରତା
ପାଶୋରି ଦିଅଗୋ ବ୍ୟଥିତ ମୁହୂର୍ତ୍ତ
ଖୋଜ ଅମୃତର ଗାଥା ।
ମାଟି ନୁହେଁଅବା ଦେବତା ବିନୁହେଁ
ମାନବ କଣ୍ଠେ ବି ସାଜେ
ନାରୀଟିର ଗଭା ପୁଷ୍ପରେ ବି ଶୋଭା
ତହିଁବି ସୁମନ ରାଜେ ।

ଫୁଲଟିକୁ ଦେଖ୍ ମନେହୁଅ ସୁଖୀ
ତାକଥାକୁ ଥରେ ଭାବ
କେତେଯେ ଅଳପ ଜୀବନ ଗଳପ
ନାହିଁ ମନେ ଅଭିଯୋଗ ।
କେବେ ଦେବତାରେ କେବେ ଶବପରେ
ଯହିଁ ତହିଁ ରହି ଥାଏ
କେଉଁ କାର୍ଯ୍ୟ ପାଇଁ ଦୁଃଖୀ ହୁଏ ନାହିଁ
ସବୁଠି ଆଦର ପାଏ ।
ରୂପେ ଗୁଣେ ତାର ସର୍ବ ମନ ମୋହେ
ସେହିତ ତାପାଇଁ ସବୁ
କେଉଁ ସୁମନ ଟି ମାଟିରେ ମଉଳେ
ସେବା ଲାଗି ହେବା ଆଗୁ ।
ତେବେବି ଭାବନା ଅତି ଉଚ୍ଚ ମନା
ଟିକି ଫୁଲ ଟିର ମନ
ମାଟି ମା, ପରେ ଶୋଭା ପାଇ ସରେ
ଧନ୍ୟ ତାର ଏ ଜୀବନ ।
ଫୁଲ ର ଭାବନା ଅନ୍ତରେ ସାଇତି
ଚାଲିବି ଆପଣା ବାଟ
ହାରି ଯିବିନାହିଁ ସରିଯିବି ନାହିଁ
ଆସୁ ଯେତେ ଦୁଃଖକଷ୍ଟ ।
ଫୁଲ ପରି ଯେବେ ଜୀବନ ହୋଇବ
ସର୍ବ ଶୁଭମୟ ହେବ
ଆନନ୍ଦ ଅନ୍ତରେ ବିଧ୍ ନିର୍ଦ୍ଦେଶରେ
କର୍ତ୍ତବ୍ୟ କରି ଚାଲିବ ।

■■■

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର




# ସ୍ୱପ୍ନ

ଜାହ୍ନବୀ ଚୌଧୁରୀ



ୟା ଭିତରେ ସ୍ୱପ୍ନ ମୋର
ଲମ୍ବିଯାଇଛି ବହୁଦୂର
ମୁଁ ସ୍ୱପ୍ନାତୁର, ସ୍ୱପ୍ନରେ ମୁଁ ବିଭୋର ।

କୋହରେ ଅବା କୁହୁରେ
ଭାବରେ ଅବା ଅଭାବରେ
ଆଙ୍କୁଥାଏ ଅନେକ ଲୁହଭିଜା ଗାର
ମନକୁ ଆଚ୍ଛନ୍ନ କରିଥାଏ ଅସୁମାରି ସ୍ୱପ୍ନ ।



ଏଇ ଅମାନିଆ ମନ
କେବେ କେଉଁଠି ଲାଖିଯାଏ
ନିଜ ପାଖକୁ ବୁଲି ବାଲିକି ପୁଣି ଲେଉଟି ଆସେ
ଗୋଟିଏ ବିଶ୍ୱାସର ଡାଳରେ, ପତ୍ରରେ, ଫୁଲରେ ।

ସ୍ୱପ୍ନ ମୋର ବନ୍ଧା ନ ପଡୁ
କାହାର ଆଞ୍ଜୁଳା ଭିତରେ
ଶୁଖି ନଯାଉ ଅକାଳରେ କି ଲୁଚି ନଯାଉ ଅଂଧାରରେ ।

ଲମ୍ବିଥିବା ସୂର୍ଯ୍ୟଦୀପ୍ତ ରାସ୍ତାରେ
ନିଃଶବ୍ଦ ନିରବତା ଭିତରେ
ଦିବ୍ୟଗୀତିର ଉଦାତ୍ତ ମଧୁର ତାନରେ
ଆପେ ଆପେ ମେଲିଯାଉ ମୋ ସକାଳର ସ୍ୱପ୍ନ ।

■■■

ଭୁବନେଶ୍ୱର
ମୋ : ୯୪୩୮୧୮୪୭୯୫

# ସବୁ ତୁମର ଲୀଳା

ସମିତା ସ୍ୱାଇଁ



କେଡେ ସୁନ୍ଦର ସାରା ସଂସାର
ଏ ବିଶ୍ୱ ଦରବାର
ଧରା ହସଇ ଶସ୍ୟ ଫଳାଇ
ମୁଖେ ଦେଇ ଆଧାର ।।

ସୁରୁଜ,ଚନ୍ଦ୍ର ଆଲୋକ ଢାଳି
ଅନ୍ଧାର ଦୂର କରି
ସପନଫୁଲ ଫୁଟେଇ ଦିଏ
ମନରେ ଆଶା ଭରି ।।

ବିଭବ ଭରା ସାମ୍ୟ ସରଣୀ
ସାଗର ବୁକେ ମୁକ୍ତା
ତରଙ୍ଗ ତାଳେ ଲହରୀ ମାଳା
ଶାମୁକା ଆକ୍ତା ମାକ୍ତା ।।

ଫୁଲ ଫଳର ଉପ ବନରେ
ବିଶାଳ ବନସ୍ପତି
ସୃଜି ଦେଇଛ ପଙ୍କରେ ପଦ୍ମ
ଭାବ, ମମତା,ପ୍ରୀତି ।।

କେତେ ଆନନ୍ଦ ଧର୍ମର ପଥ
ପବିତ୍ର ଜଳଧାର
ଧରଣୀ ମାତା ଛାତିକୁ ଚିରି
ଝରଇ ଝରଝର ।।

ଅୟମାରମ୍ଭ ଓଁକାର ମନ୍ତ୍ର
ମୋକ୍ଷ ଲାଭର ମାଳା
ସୃଷ୍ଟି ସ୍ଥିତିର ହେ ସୂତ୍ରଧର
ସବୁ ତୁମର ଲୀଳା ।।



■■■

ଏମ୍. ଆଇ. ଜି. -୭/୮, ଶୈଳଶ୍ରୀ ବିହାର,
ଭୁବନେଶ୍ୱର - ୨୧



# ଲୁହ

କ୍ଷଣପ୍ରଭା ମହାନ୍ତି

ଲୁହ ଗୋଟେ ମୂକ ସାକ୍ଷୀ ଅନ୍ତର ତଳର ,
କେବେ ଆନନ୍ଦର ପୁଣି କେବେ ସେ ଦୁଃଖର।
ଯେବେ ଆସେ ହୃଦୟ ରେ ବ୍ୟଥା,
ଲୁହ ହୋଇ ବୋହିଯାଏ ଅନ୍ତର ର କଥା,
ଆନନ୍ଦରେ ହୁଏ ବିମୋହିତ,
ମୁକ୍ତାସମ ଝରୁଥାଏ ହୁଏନା ବିବ୍ରତ ।



ଆଖି ଯେବେ ଦେଖେ ସେଇ କରୁଣ ଚିତ୍ରକୁ
ଲୁହଏକା ବୁଝି ନିଏ ମନର ଭାବକୁ
ମନ କେବେ ମାପେ ନାହିଁ ଲୁହର ସାନ୍ଦ୍ରତା
ଦରଦୀ ଆଖିର ଲୁହେ ଥାଏ ଆତ୍ମୀୟତା ।

ଲୁହ ଗୋଟେ ଚିର କାଳ ସାଥୀ
ମନର ରଥ ରେ ସେ ନିରବ ସାରଥୀ
ହେଲେ ଲଗାମ ନଥାଏ ତା'ର ବହେ ଅବିଶ୍ରାନ୍ତ,
ବର୍ଷ ମାସ ଖୋଜିନି କି ହୁଏ ନାହିଁ କ୍ଳାନ୍ତ,
ଆଖି କୋଣୁ ଝରି ପଡ଼େ ନିଜସ୍ୱ ଢ଼ଙ୍ଗରେ,
ବେଦନାର ବୁକୁ ଚିରି ଆପଣାପଣରେ ।

ବିଚିତ୍ର ଏ ଦୁନିଆଁର ଗତି
ଅଶ୍ରୁହୀନ ହୁଏନି କେବେ କେଉଁ ଆଖି
ଶୈଶବ ରୁ ଯୌବନ ବାର୍ଦ୍ଧକ୍ୟ
ସତେ ଅବା ଜୀବନର ଲୁହ ସମୀକ୍ଷକ ।

■■■

ଭୁବନେଶ୍ୱର

# ତୁମେ

ସରୋଜଲକ୍ଷ୍ମୀ ମହାନ୍ତି



ତୁମ ବନ୍ଧ୍ୟା ବଗିଚାର
ଫୁଲଟିଏ  ଫୁଟେଇବାର ନିଶାରେ
ମାଗିଥିଲି ଅରାଏ ମାଟି
ତୁମେ ତାକୁ ପ୍ରେମ ଭିବିନେଲ
ଅଦେଖା କୋହର ଅସୁମାରି ସ୍ୱପ୍ନକୁ
ତୁମ ସପ୍ତଫେଣୀ ର ଆଘାତରୁ
ବଞ୍ଚେଇବାର ଚେଷ୍ଟାରେ
ପୁଣିଥରେ ଗଢିଲି ଦୀର୍ଘଶ୍ୱାସ ଆଉ
ସ୍ୱାଭିମାନର ଶକ୍ତ ପ୍ରାଚୀର
ଜାଳି ଦେଲ ଫଗୁଣର ଫୁଲବନ
ବିଶ୍ୱାସ ଆଉ ଭରସା ତଳୁ
ଗଜରୁଥିବା ଚାରାଟି
ଜଳିଗଲା  ସପନର
ଫୁଲ ଶେଜରେ
ଲୁହକୋହର  ରକ୍ତାକ୍ତ ଝାଞ୍ଜିରେ
"ମୁଁ " ଖୋଜି ପାଉନଥିଲି ନିଜତ୍ୱ
ସେଠି ଥିଲ ଖାଲି "ତୁମେ"।



■■■

ନନ୍ଦନ ବିହାର, ଭୁବନେଶ୍ୱର

# ରୁହ ମୋ ହୃଦ ମନ୍ଦିରେ

ବିଜୟଲକ୍ଷ୍ମୀ ପଟ୍ଟନାୟକ





ତୁମେ ତ ଅଖିଳ ବ୍ରହ୍ମାଣ୍ଡ କରତା
ଅନ୍ତର୍ଯ୍ୟାମୀ ପରାତ୍ପର
ତେତ୍ରିଶ କୋଟି ଦେବତାଙ୍କ ପ୍ରତିଭୂ
ଦାରୁବ୍ରହ୍ମର ଠାକୁର ।
ପାଣି ପାଦ ନାହିଁ ବ୍ୟାପିଛ ବିଶ୍ବରେ
ଜଡ ଚେତନ ସବୁଠି
ଏମିତି ସ୍ଥାନଟେ ନାହିଁ ତ ଜଗତେ
ତୁମେ ତ ନାହଁ ଯେଉଁଠି ।
ପଲକ ପଡେନି ଅପଲକ ନେତ୍ରେ
ଦେଖୁଛ ସଂସାର ଲୀଳା
କରି କରାଉଛ ଦେଖି ଦେଖାଉଛ
ଧରିଅଛ ସବୁ ଭେଳା ।
ତୁମେ ନାରୀ ତୁମେ ପୁରୁଷ ପୁଙ୍ଗବ
ଭେଦାଭେଦ କିଛି ନାହିଁ
ଅନନ୍ତ ଆକାଶ ସୁଧାମୟ ଧରା
ସର୍ଜନା କରିଛ ରହି ।
ଆର୍ତ୍ତ ଓ ଅର୍ଥାର୍ଥୀ ଜିଜ୍ଞାସୁ ଜ୍ଞାନୀ
ସଭିଙ୍କର ତୁମେ ଆଶ
ସବୁ ଭକତଙ୍କ ହୃଦ କମଳରେ
ରହିଥାଏ ତୁମ ବାସ ।

ଧର୍ମ ଅର୍ଥ କାମ ମୋକ୍ଷ ପ୍ରଦାତା
ଚାରି ପୁରୁଷାର୍ଥ ଲାଗି
ମୁକ୍ତି ଚାହେଁନା ତବ ପଦସେବା
ଲକ୍ଷ୍ୟ ହେ ଛପନଭୋଗୀ ।
ମଣିଷକୁ ଭଲ ପାଉଥିବି ସଦା
ସଭିଙ୍କ ଅନ୍ତରେ ତୁମେ
ହୃଦ ସିଂହାସନେ ବିରାଜିଛ ପ୍ରଭୂ
ଭ୍ରମରେ ମାନବ ଭ୍ରମେ ।
ମାୟା ମରିଚିକା ପଛେ ଧାଉଁଥାଏ
ପାଦରେ ପଡିଛି ବେଡି
ଉଡିଯିବା ପାଇଁ ମନପକ୍ଷୀ ସଦା
ଯାଉଛି ଆକାଶେ ଉଡି ।
ଗୋଟିଏ ବୋଲି ତ ମହାର୍ଘ ଜୀବନ
ଚଉରାଅଶୀ ଯୋନି ପରେ
ଆଉକି ପାଇବ ଥରେ ଚାଲିଗଲେ
ରୁହ ମୋ ହୃଦ ମନ୍ଦିରେ ।

■■■

ପ୍ଲଟ୍ ନଂ -୪୬୧୯/୨୧, ପୋଖରାନ୍ ଭିଲେଜ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୧୬

# ନବବର୍ଷ

ଶ୍ରୀମତୀ ଗୋପା ଦାସ



ବୈଶାଖର ପ୍ରଥମଦିନ ପଣା ସଂକ୍ରାନ୍ତି ଜାଣ,
ହନୁମାନଙ୍କ ଜୟନ୍ତୀ ପରା ଏ'ତ ଓଡ଼ିଆଙ୍କ ପ୍ରାଣ ।

ଆଜିଠାରୁ ତ ହିନ୍ଦୁମାନଙ୍କ ଓଡ଼ିଆ ନବବର୍ଷ,
ପଣାଛତୁଆ ଭୋଗ ଲଗାନ୍ତି ମନ ଉଲ୍ଲାସହର୍ଷ ।

ଘରଆଗର ଚଉରାସବୁରେ ଶୋଭେ ବସନ୍ତରାଘଡି,
ନାଲିଓଢଣୀ ଓ ପଣାଭୋଗରେ ମନଯାଉଛି ଉଡି ।

ନିଦାଘର ସେ ପ୍ରଚଣ୍ଡତାପ ଶୁଖୁଛି ଚଉରାମାଟି,
ସେଥିପାଇଁ ତ ବିଧିଖଞ୍ଜିଛି ମୁଣ୍ଡେ ଗବଗଛ ଚାଁଛେରାତାଟି ।



ମାସଟି ସାରା ଘଡି ବସିବ ନିତ୍ୟେ ଘରଣୀ ଢାଳିବେ ପାଣି,
ତୁଳସୀ ମାଆ ଘର ଆଗରେ ତୁମେ ଆମ ମଥାମଣି ।

ଚଇତି ଘୋଡା ଝାମୁ ନିଆଁରେ ମାଆ ମାନସେ କାନି ମେଲେଇ,
ଭାରିଦେଉ ମାଆ ଅମୃତ କଳସୀ ଶୁଭ ଅଭୟ ବରଦାୟୀ ।

ତରଙ୍ଗାୟୀତ ଢେଉଟି ପରି ନାଚୁଛି ମୋର ମନ,
ଖରାତରାର ଲୁଚକାଳିରେ ଖେଳେ ଗହନ ବନ ।

ବିଷୁବ ମିଳନେ ନିଦାଘର ଖରା ଶେଷବ ସନ୍ତର ସ୍ୱାକ୍ଷର,
'ଜଳଦାନ ହିଁ ମହତ ଦାନ 'ଏଇ ବାର୍ତ୍ତାର ଅକ୍ଷର ।

ଟପ ଟପ ପାଣି ବସନ୍ତରା ଘଡି ଭରିଦେଉ ଶୀତଳତା,
ସବୁରି ଜୀବନେ ତୃଷାର୍ତ୍ତ ପ୍ରାଣେ ଜଳଛତ୍ର ଦେଉ ମହାନବାର୍ତ୍ତା ।

ଜଳଛତ୍ର ବାଣ୍ଟେ ତୃଷାର୍ତ୍ତପ୍ରାଣେ ପ୍ରେମ ଶାନ୍ତି ଓ ଶ୍ରଦ୍ଧା,
ସବୁରି ଅନ୍ତରେ ଭରୁ ଅତ୍ମୀୟତା କରୁଣାବାରୀ ଢାଳ ହେ ତୁମେ ଜଗତକର୍ତ୍ତା ।

■■■

କଟକ
ମୋ -୬୩୭୨ ୧୭୭ ୧୩୧

# ଅନ୍ତ

କରିସ୍ମା ତ୍ରିପାଠୀ



ଅନ୍ତ !
 କାହାର ଘଟିଛି ଅନ୍ତ ?
ଅନ୍ତ ମାନେ କଣ ?
ଅନ୍ତ ମୋର,ମୋ ଜୀବନ ର
ମୋ ସପନର, ମୋ ଆତ୍ମାର
ମୋ ପିଲାବେଳ ର, ମୋ ଯୌବନର
ମୋ ଶୈଶବର, ମୋ ମନ ଭାବନାର...
ଅନ୍ତ ଗୋଟେ ଯୁଗର ।



ଅନ୍ତ ମୋ ବଧୂ ଜୀବନର, ମୋ ପ୍ରେମର
ମୋ ବିଶ୍ୱାସର, ମୋ ମାତୃତ୍ୱର
ମୋ  ଶଙ୍ଖା ସିନ୍ଦୂରର, ମୋ ସଧବାପଣର
ମୋ ସାତ ରଙ୍ଗର, ମୋ ପରିଧାନର
ଅନ୍ତ ଆଉ ଗୋଟେ ଯୁଗର ।

ଅନ୍ତ ମୋ ଶାଶୁପଣର, ମୋ ଜେଜେମା ପଣର
ଅନ୍ତ ମୋ ଖୁସିର, ମୋ ହୃଦୟର
ମୋ ଅନ୍ତର ଆତ୍ମାର, ମୋ ସମ୍ପର୍କର
ମୋ ଶରୀରର, ମୋ ଶେଷ ନିଃଶ୍ୱାର
ଅନ୍ତ ଜନ୍ମ ଜନ୍ମାନ୍ତରର  ।

■■■

ଭୁବନେଶ୍ୱର

# ଚୁପ୍ ରହିବା ଗୋଟେ କଳା

ପ୍ରଦୀପ୍ତ କୁମାର ମିଶ୍ର

ଯଦି ଚୁପ ରହିବୁ ପାଟିରେ
ତାଲାଦେଇ ତେବେ
ବିବର୍ତ୍ତନରେ ବଞ୍ଚିରହିପାରିବୁ
ଦେଖିନୁକି ମନ୍ଦିରରେ ମୂର୍ତ୍ତିଟି ଚୁପ
ଯେତେ ଭୋଗଦେଲେ ମଥାପିଟିଲେ ବି।
ସେମାନେ ଚୌକି ନେଇଗଲେ
ତମେ କିନ୍ତୁ ଚୁପରୁହ,
ନିଜର ମୌଳିକ ଅଧିକାର ପାଇଲା ପରେ
କେବଳ ସନ୍ତୁଷ୍ଟ ରୁହ।
ମନେଅଛିନା ପିଲାଦିନେ ତମେ
ରାହାଧରି କାନ୍ଦୁଥିଲ
ତମ ମା' ତମକୁ ଚୁପ କରେଇଦେଉଥିଲା
କେତେକଣ ଜିନିଷ ଦେଇ,
ତମେ ତା'ପରେ ହସୁଥିଲ।
ଏବେ ସେହିପରି ଅନେକ ପ୍ରହେଳିକା
ତମ ସାମ୍ନାରେ...
ଚୁପରହିବାକୁ ଯଥେଷ୍ଟ ତମପାଇଁ,
ପାହାଡ଼ ଚୁପ, ଗଛ ବି ଚୁପ ,ଆକାଶ ଚୁପ
ତେଣୁ, ଏଠି ପାଟିଖୋଲିବା ମନା।
ଚୁପରୁହ ସବୁଦେଖ, ସବୁଶୁଣ ଭଲରେ ବଞ୍ଚିବ
ପାଟିଖୋଲିଲେ ବାଘ ଆସିବ ଡ଼ରମାଡ଼ିବ...
ବରଂ ନୀରବ ରୁହ ଆଖିରୁ ଲୁହଢାଳି ।



■■■

ଅରେଇ, ଯାଜପୁର
ମୋ - ୯୬୫୮୬୧୪୬୨୮

# ଫୁଲମତି

ସୁଧୀର ମେହେର



ଚାରିଆଡେ
ମେଘଭର୍ତ୍ତି ଆକାଶ,
କିଟିମିଟି ଅନ୍ଧାର.....
ବାଟ ଘାଟ,ଥଳକୂଳ ନ ପାଇ
ଲଥ୍ ହୋଇ ବସିପଡେ
ଫୁଲମତି ।।

ଫୁଲମତି ବିଧବା,
ବୟସ ପଇଁଷଠି,ଭଟାଙ୍ଗ ପଦର ..
ନାଆଁ, ଗାଁ କିଛି ନାହିଁ,
ମିଳିପାରିନି ଏଯାଏଁ
ଚାଉଳ ମୁଠାଏ କି
ବାର୍ଦ୍ଧକ୍ୟ ଭତ୍ତା ଖଣ୍ଡେ ।।

ନିତି,
ସରପଞ୍ଚ କୁ ଗୁହାରି କରେ,
ସରପଞ୍ଚ ଆଶ୍ୱାସନା ଦିଏ,
ହଉ ଦେଖିବା....
ତୋ'ର ତ ଆଧାର କାର୍ଡ ନାହିଁ
କି ଭୋଟର୍ ଲିଷ୍ଟ ରେ ନାଆଁ ନାହିଁ ।।

ଫୁଲମତି ବିଧବା
କିଛି ବୁଝିପାରେନି,
ଆଧାର କାର୍ଡ କ'ଣ?
କୋଉଠି ଅଛି?
ଭୋଟର୍ ଲିଷ୍ଟ ରେ ପୁଣି
କେମିତି ନାଆଁ ଆସେ !
ତଥାପି ଘରକୁ ଆସି
ହାଣ୍ଡି-କୁଣ୍ଡି ,କୁଳା-ଟୋପା
ସବୁ ତଲାସେ,
କିଛି ବି ପାଏନି ।।

ଗାଲରେ ହାତ ଦେଇ
ଗୁମ୍ ମାରି ବସିପଡେ ଫୁଲମତି ବିଧବା,
ବୁଝି ପାରେନି,ପ୍ରତିଥର ତା'ସହିତ ହିଁ
କାହିଁକି ଏମିତି ହୁଏ !

ବିବାହର ପାଞ୍ଚ ବର୍ଷ ନ ପୂରୁଣୁ
ମରଦ ଅଜଣା ରୋଗରେ ଗଲା,
ଗୋଟେ ବୋଲି ପୁଅର ମୁହଁ ଦେଖି
ବଞ୍ଚିଥିଲା ଯେ,
ଭେଣ୍ଡା ବୟସରେ ସେ ବି
କୋଉ ବଡ଼ ଲୋକର ଗାଡ଼ି ତଳେ
ଚାପି ହୋଇ ମଲା ।।

ଫୁଲମତି ବିଧବା
ନିର୍ଦ୍ଧୁମ ଗାଳି ଦିଏ ଈଶ୍ୱର ଙ୍କୁ,
କହେ,ହଇରେ ଅଲପେଇସା
ମୋତେ ପୁଣି କାହିଁକି ବଞ୍ଚେଇ ରଖିଚୁ,
ନେଇ ଯାଉନୁ ।।

ହେଲେ ,
ଚାହିଁଲେ କ'ଣ
ମରି ହୁଏ ଏତେ ସହଜରେ ??

■■■

ଚିଟୈଗୁଡ଼ା, ଜୁନାଗଡ଼, କଳାହାଣ୍ଡି

# ରାତିର ଶେଷ ପ୍ରହରରେ

ଅନୀତା ପାଣି

ରାତିର ମଉଳା ଆଶା
ସକାଳେ ପୁଣି ସତେଜ ହୁଏ, ଉଙ୍କେଇଯାଏ
ଅଧାବୁଜା ଆଖି ଖୋଲିବା ଆଗରୁ
ଝଲସୀ ଯାଅ ଯେ
ନବାରୁଣ ତେଜ ଭରି ବୁକୁତଳେ
ପ୍ରାତଃ ସ୍ମରଣରେ ।

ଜଡତା ଜଞ୍ଜିର ବନ୍ଧନରୁ
ମୁକୁଳିତ ହୁଏ ଅବଚେତନରୁ
ଯେମିତି ଧାନଖେତ ଖେଳରେ ମଗନ
ସବୁଜଦେହରେ ପହଁରେ ସୁଲୁସୁଲୁ ପବନ
ଯେମିତି ପାହାଡ ଶିଳାରେ ନାଚେ
ଝରଣାର ଯୌବନ
ଖୋଲିଦିଏ ନିଜକୁ ମୁଁ ନିଜେ
କାକର ଟୋପା ଯେମିତି ହଜେ
ପାଇ ସୁନେଲି ଆଭାର ଆଲିଙ୍ଗନ ।



ନିଜ ଭିତରେ ନିଜେ
ଖୋଜେ ଅବୋଧ ଶୈଶବ
ଫିଙ୍ଗି ଦିଏ ଠୁଳେଇଥିବା
ଅଳୀକତା ଅହଂକାର,
ଅକୁହା ଅଭିଯୋଗ ରଙ୍ଗର ଇସ୍ତାହାର ।

ନିଜ ସହିତ ନିଜକୁ ନିବିଡ଼ କରେ
ବିତିଗଲା ଦିନ ପାଶୋରିବା ଅଭିନୟ କରେ
ଉଦ୍ଦାମ ଢେଉ ସ୍ମୃତିକୁ ଅନୁନୟ କରେ
ଅନାହତ ସାନ୍ତ୍ବନା ଭରେ
ସକାଳର ସତେଜପଣ ନିରାଶେ ଫେରେ
ରାତିର ଶେଷ ପ୍ରହରରେ ।

■■■

ପଦ୍ମେଶ୍ୱୟ, ସୌଭାଗ୍ୟ ନଗର, ଅନୁଗୁଳ
ମୋ -୮୩୨୭୭୦୫୯୭୦

# ସକାଳର ଅପେକ୍ଷାରେ

**ନିରଞ୍ଜନ ସାହୁ**



ଲୁହ ଆଞ୍ଜୁଳାରେ ତୁମ ମୁହଁ ଦିଶେ
ତୁମେ କି ନିଜର ମୋର
ଯଦି ମୋ ନିଜର ଦିଅ ହେ ଉତ୍ତର
କହି ଥରେ ମୁହିଁ ତୋର ।

କାହିଁକି ମଉନ ରହିଛ କହୁନ
ପାଟି କରି ଦେଇ ବନ୍ଦ
ଅତି ସରଳିଆ ମନଟିଏ ମୋର
ଜାଣେନା କପଟ ଛନ୍ଦ
ତୁମ ନୀରବରେ ମୋହରି ମନରେ
ଭରୁଛି ସନ୍ଦେହ ଘୋର ।

କାଲି ଆପଣାର ଥିଲି ମୁଁ ନିଜର
ଆଜି ସାତପର ପରି
କାହିଁକି ଏପରି ମନେ ଚିନ୍ତା କରି
ଦୁଃଖ ନେଇଛି ମୁଁ ବରି
ପାହିବ ନାହିଁକି ଏହି ଅମା ରାତି
ହେବ ନାହିଁ କିବା ଭୋର ।

■■■

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

# ସର୍ତ୍ତହୀନ ନାବିକ ମୁଁ

ନିଧି ସାହୁ

ସ୍ରୋତପୂର୍ଣ୍ଣ ନଦୀର ସର୍ତ୍ତହୀନ ନାବିକ ମୁଁ
କଳାହାଣ୍ଡିଆ ମେଘରେ ଭିଜି
ମହାନ୍ଧକାରରେ ହଜି
ଡହଳବିକଳ ହୋଇ ଖୋଜୁଚି ବାଟ
ନାବ ମୋର ଟଳମଳ
ଦିଶୁ ନାହିଁ ଥଳକୂଳ
ହେ ଦୀନବନ୍ଧୁ ଦୟାବାରେ କର
ଏ ବିପଦୁ ଉଦ୍ଧାର କର
ଧକ୍କା ଦେଇ
ଆଉ ଧୋଖା ଦିଅନାହିଁ
ଏମିତି ତ ହନ୍ତସନ୍ତେ ବିତୁଚି ଜୀବନ
ଯେତେ ଅସ୍ତବ୍ୟସ୍ତ ହେଲେ ବି
ନିଜ ଦହଗଂଜ ନିଜକୁ ଖାଉଚି
କିନ୍ତୁ ପ୍ରତିଟି ମୁହୂର୍ତ୍ତ ତୁମ
ଅଦେଖା ଛାଇରେ
ବିତୁଚି ମୋ ଦିନ
ନିଜର ସତ୍ତା ନାହିଁ
ପର କଥା କ'ଣ କହିବି,
ପୁଷ୍ପ ପୂର୍ଣ୍ଣ ପଥ ମୋର କଣ୍ଟକ ପୂର୍ଣ୍ଣ
ପ୍ରାଣ କ୍ଲେଶେ ତୁମ ଅମୃତ ଭରିଚି ବୋଲି
ତୁମେ ସାହା ହୋଇଚ ବୋଲି
ଦଦରା ନାବ ମୋର ଠାବ ପାଉଚି
ତୁମ ରୂପ ରସ ଛନ୍ଦେ ଛନ୍ଦି ହେଇଯାଉଚି ।



■■■

ସରାଟ, ଚଣାହଟ୍ଟା, ବାଲିପାଟଣା,
ଖୋର୍ଦ୍ଧା

ପତ୍ରିକା
ଏକାଦଶ ସଂଖ୍ୟା,୧ ମଇ ୨୦୨୩

# ନିଦାଘ

**ସିଦ୍ଧାର୍ଥ କୁମାର ମହାପାତ୍ର**



ମଧୁମାସ ଅନ୍ତେ ବସୁନ୍ଧରା ବୁକେ ଆସଇ ନିଦାଘ କାଳ
ଆକାଶ ମଣ୍ଡଳୁ ବରଷେ ଅନଳ ହାହାକାର ଜୀବକୁଳ ।



ତପନ ର ତାପ ଦିଏ ମନସ୍ତାପ ବାସେ ବସେ ପ୍ରାଣୀ ଜନ
ସୁନେଲୀ ଅରୁଣ ତପନ ହୋଇଣ ଧରା କୁ କରେ ଦଂଶନ ।

ମୁଣ୍ଡ ଫଟା ଖରା ଗୁଳୁଗୁଳି ଝାଞ୍ଜି ଡାକି ଆଣେ ଅଂଶୁଘାତ
ନଦ ନଦୀ ସାଜେ ମଳାନଇ ରୂପ ଉଦାସୀ ଲାଗେ ଜଗତ ।

ଶ୍ୟାମ ଦୁର୍ବାଦଳ ହୋଇଲା ଧୂସର ଗାଁ ଦାଣ୍ଡ ଶୂନଶାନ
ନୀଳିମା ରେ ଜିଣି ମୃଗତୃଷ୍ଣା ପୁଣି ଦିଶିଲା ଜଳ ସମାନ ।

ଶୁଖିଯାଏ ଝର ନଦୀ କୂପ ସର ଶୁଭେ ନାହିଁ କଳନାଦ
ମଣ୍ଡୁକ କଚ୍ଛପ ମୀନ ଜଳଚର ଜୀବନେ ଆସେ ପ୍ରମାଦ ।

ଶୁଷ୍କ ସରେ ବସି ମନଖୋଲା ହସି ରବି ଙ୍କୁ ଚାହେଁ କମଳ
ତପନ କିରଣ ନାଶେ ହୃଦ ମନ ତଥାପି ଦୀପ୍ତି ପ୍ରଜ୍ୱଳ ।

ନିଦାଘ ସମୟ ହେଲେ ବି ଦାରୁଣ ହୁଏନା ଫୁଲ ମଳିନ
ଶିମିଳି ପଳାଶ ଚମ୍ପକ ମଲ୍ଲିକା କୃଷ୍ଣଚୂଡ଼ା ଗ୍ରୀଷ୍ମଧନ ।

ଗ୍ରୀଷମ ପରଶ ହେଲେ ବି ନୀରସ ଦିଏ ପଣସ ସପୁରୀ
ଫଳ ମଧ୍ୟେ ରାଜା ଆମ୍ର ମହାରାଜା ପ୍ରିୟତମ ତ ସବୁରୀ ।



ବଡ଼ ହୁଏ ଦିନ ରାତି ହୁଏ ସାନ ଆଣେ ବି ଖୁସୀ ତରଙ୍ଗ
ପଣାସଂକରାନ୍ତି ଅକ୍ଷୟ ତୃତୀୟା ଚନ୍ଦନଯାତ୍ରା ଆନନ୍ଦ ।

ଏତେ ହରକତ କରେ ସିନା ଗ୍ରୀଷ୍ମ ମିତ କିନ୍ତୁ ଅବନୀ ର
ବରଷା ଜନନୀ ପଦ ଯୁଗଳ ରେ କୋଟି କୋଟି ନମସ୍କାର ।

■■■

**ଶିକ୍ଷକ, କଣ୍ଟିଲୋ, ନୟାଗଡ**
**ମୋ -୯୮୫୩୦ ୩୬୧୬୨**

# ଭାରତମାତା

ମାନସ ଜେନା



ସେଇ ନୀଳ ପତକାର ପଟୁଆରରେ
ଚିଣ୍ଡି ଆସୁଥିବା ଚପଲ ଆଉ ଧୂଳି ପିନ୍ଧା ପାଦମାନଙ୍କ
ଶେଷ ଧାଡ଼ିର ହାତମୁଠା ସବୁ ମାଡ଼ିଯାଉଥିଲେ
କିଛି ଗୋଟେ ପାଇବାକୁ ଆକାଶ ଅଡ଼କୁ ।

ସେଇ ରାସ୍ତା ଉପରେ ସେମାନେ
ଅଗିଅ ଅପିଆ ରାହା ଧରି କାନ୍ଦୁ ଥିଲେ
ଇାରବାର ଛାତି ବାଡେଇ ନେହୁରା ହେଉଥିଲେ
ଭାରତ ମାତା ପାଖରେ ।

ସେଇ ପଟୁଆରରେ ସମସ୍ତେ କିନ୍ତୁ
ଭାରତମାତା ଜୟ ବୋଲି କହି ସାରିଥିଲେ
ଅନେକ ବେଳୁ ।

କେହି କେହି ରାଗମିଶା-ଅଭିମାନରେ
ପ•ରୁଥିଲେ – ଭାରତମାତା ମୋ ମା କି ?
କିଏ ଜଣେ ମନା କରି ସାରିଥିଲା
ପାଦତଳର ମାଟି ଆଉ ପାଣିକୁ ନଛୁଇବାକୁ
ଓ ମା କୁ ମନ୍ଦିର ଓ ଗୁହାଳଘରେ ନ ଖୋଜିବାକୁ ।

ମା କିନ୍ତୁ ସକାଳୁ ଉଠି ଝାଡୁ ହାତରେ
ଠିଆ ହୋଇଥିଲା ସତ୍ୟନଗର ମଶାଣୀରେ
ବ୍ୟାଗ ହାତରେ ଡିଲର ଘର ବାରଣ୍ଡା ତଳେ ।
କେଉଁଠି କେଉଁଠି ତାକୁ ମନା କରାଯାଉଥିଲା
ଅଙ୍ଗନବାଡି ଚତୁଆ ଓ ମଧ୍ୟାନ ଭୋଜନ ପାଖ ନଯିବାକୁ ।

ମା ସାରା ଖରାବେଳ ବସିରହି ଥିଲା
ତହସିଲ ବାରଣ୍ଡାରେ ଘରଡିହ ପଟାପାଇଁ
ଥାନାବାବୁଙ୍କୁ ଜଗିଥିଲା ପୋଷ୍ଟମଟମ ରିପୋର୍ଟ ପାଇଁ
ପଞ୍ଚାୟତ ଅଫିସ ବାହାରେ ବିଧବା ଭତ୍ତା ପାଇଁ
ଓ ସଂଧ୍ୟା ପୂର୍ବରୁ ଫେରି ଆସୁଥିଲା ଖାସ
ମନ୍ଦିରରେ ଝାଡୁ ଦେବା ପାଇଁ ।

ଏତେ କଥା ପରେ ବି
ତଥାପି ମା ପହଞ୍ଚି ଯାଉଥିଲା ପଟୁଆରରେ
ସବୁପିଲାଙ୍କ ସୁରକ୍ଷା ପାଇଁ ପିଠି ଦେଖାଇବାକୁ ।
କିନ୍ତୁ ଭାରତ ମାତା ଯମା ଆସୁନଥିଲେ
ଖାଲି ତାଙ୍କୁ ହିଁ ସମସ୍ତେ ଖୋଜୁଥିଲେ
ଓ ଖୁବ୍ ଜୋରରେ ଭାରତମାତା କି ଜୟ
ବୋଲି କହୁଥିଲେ ।

୩୦, ଏକାମ୍ର ଭିଲ୍ଲା, ଭୁବନେଶ୍ୱର -୧୫
ମୋ:-୯୪୩୭୦୬୦୭୯୭

# "ଇ ପତ୍ରିକା" ର ଅପ୍ରେଲ୍ ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୦୪.୨୦୨୩ (ଶନିବାର)










# “ଇ ପତ୍ରିକା” ର ଅପ୍ରେଲ୍ ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୦୪.୨୦୨୩ (ଶନିବାର)















### ପୁସ୍ତକ ପ୍ରିୟ ଈଶ୍ୱର ଲୋକାର୍ପିତ

■ ଟିଟିଲାଗଡ଼,ତା୨।୪(ସିଏନଏସ) ସ୍ଥାନୀୟ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ କବି ଯୋଗେଶ ଚନ୍ଦ୍ର ମିଶ୍ରଙ୍କ କବିତା ପୁସ୍ତକ "ପ୍ରିୟ ଈଶ୍ୱର" ଲୋକାର୍ପିତ ହୋଇଯାଇଛି । ଆୟୋଜିତ ସଭାରେ ବରିଷ୍ଠ କବି ତଥା ସାହିତ୍ୟିକ ଭିକାରୀ ଚରଣ ମିଶ୍ର ସଭାପତିତ୍ୱ କରିଥିବାବେଳେ ଶିଶୁ ସାହିତ୍ୟିକ ତଥା ଗବେଷକ ଡ ଯୁଗଳକିଶୋର ଷଡ଼ଙ୍ଗୀ, ପ୍ରବୀର କୁମାର ପଣ୍ଡା, ବୃନ୍ଦାବନ ଷଡ଼ଙ୍ଗୀ ଏବଂ ନ୍ୟୁଟ୍ରାକ୍ରିଏସନ ଇ ପତ୍ରିକାର ସମ୍ପାଦକ ସରୋଜ କୁମାର ଶତପଥୀ ଅତିଥି ରୂପେ ଯୋଗ ଦେଇଥିଲେ । କବି ଯୋଗେଶ ଚନ୍ଦ୍ର ମିଶ୍ର ତାଙ୍କ ଲେଖାକାର ଅଭିବ୍ୟକ୍ତି ପ୍ରକାଶ କରିଥିବାବେଳେ ପତ୍ରିକାର ଆଭିମୁଖ୍ୟ ସମ୍ବନ୍ଧରେ ଏବଂ ତାର ପ୍ରଚାର ପ୍ରସାର ବିଷୟରେ ଇ-ପତ୍ରିକାର ସମ୍ପାଦକ ଆଲୋଚନା କରିଥିଲେ । ସଭାର ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗ କବି ଟିକେକାଲ ବେହେରାଙ୍କ ସଭାପତିତ୍ୱରେ ଏକ କବିତା ଆସର ହୋଇଥିବାବେଳେ କବି ପଞ୍ଚାନନ ତାଣ୍ଡି ଓ ଶର୍ମିଷ୍ଠା ମିଶ୍ର ସଂଯୋଜନା କରିଥିଲେ । ଅଞ୍ଚଳର ବହୁ କବି ଆୟୋଜିତ ଉତ୍ସବରେ ଅଂଶ ଗ୍ରହଣ କରି ତାଙ୍କ କବିତା ପାଠ କରିଥିଲେ । ସଭା ଶେଷରେ କବି ଯୋଗେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ‘ପ୍ରିୟ ଈଶ୍ୱର’ ପୁସ୍ତକ ଲୋକାର୍ପିତ

ଟିଟିଲାଗଡ଼, ୨।୪ (ଇମିସ): ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ସମ୍ମିଳନୀ କକ୍ଷରେ କବି ଯୋଗେଶ ଚନ୍ଦ୍ର ମିଶ୍ରଙ୍କ କବିତା ପୁସ୍ତକ ‘ପ୍ରିୟ ଈଶ୍ୱର’ ଲୋକାର୍ପିତ ହୋଇଛି। ଆୟୋଜିତ ସଭାରେ ବରିଷ୍ଠ କବି ତଥା ସାହିତ୍ୟିକ ଭିକାରି ଚରଣ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଶିଶୁ ସାହିତ୍ୟିକ ତଥା ଗବେଷକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ, ପ୍ରବୀର ପଣ୍ଡା, ବୃନ୍ଦାବନ ଷଡ଼ଙ୍ଗୀ ଏବଂ ନ୍ୟୁଟ୍ରାକ୍ରିଏସନ୍ ଇ-ପତ୍ରିକାର ସମ୍ପାଦକ ସରୋଜ ଶତପଥୀ ଅତିଥି ରୂପେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗ କବି ଟିକେକାଲ ବେହେରାଙ୍କ ଅଧ୍ୟକ୍ଷତାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାକୁ କବି ପଞ୍ଚାନନ ତାଣ୍ଡି ଓ ଶର୍ମିଷ୍ଠା ମିଶ୍ର ସଂଯୋଜନା କରିଥିଲେ। ଅଞ୍ଚଳର ବହୁ କବି କବିତା ପାଠ କରିଥିଲେ।



# ଇ-ପତ୍ରିକା

ଏକାଦଶ ସଂଖ୍ୟା, ୦୧ ମଇ ୨୦୨୩

link : https://epatrika.cspursahityasansad.com

Publisher :
Newtra Creations,Bhubaneswar

## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

**Mob : 9438621925 / 9937128547**

Email : epatrika.cspursahityasansad@gmail.com Website: www.cspursahityasansad.com